# କିଣାକିଣି ଅଭ୍ୟାସ ବଦଳିଗଲା



**କୋଭିଡ୍-୧୯ ଯୋଗୁ ବଜାରର ସ୍ଥିତି ପ୍ରଭାବିତ ହୋଇଛି। ସଂକ୍ରମଣ ବଢ଼ିବା ଯୋଗୁ ଏହାର ନିୟନ୍ତ୍ରଣ ଲାଗି ସରକାର ଲକ୍‌ଡାଉନ ଘୋଷଣା କରିଥିଲେ। ମାର୍ଚ୍ଚ ୨୫ ପରଠାରୁ ଲକ୍‌ଡାଉନ କରାଯାଇଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟଗୁଡ଼ିକରେ କଟକଣାକୁ କୋହଳ କରାଯାଉଛି। ବର୍ତ୍ତମାନ କରୋନା ସଂକ୍ରମଣ ନିୟନ୍ତ୍ରଣକୁ ଆସିପାରି ନାହିଁ। ଏଭଳି ସ୍ଥିତିରେ ଲୋକମାନେ ଘରେ ରହିବାକୁ ଉଚିତ ମଣୁଛନ୍ତି। ହେଲେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ଦୈନନ୍ଦିନ ଜୀବନରେ ଲୋଡ଼ା ପଡୁଛି। ବାହାରକୁ ଯିବା ପାଇଁ ଲୋକମାନେ ଭୟ କରୁଥିବା ବେଳେ ଏଭଳି ସ୍ଥିତିରେ ଲୋକଙ୍କର କ୍ରୟ ଅଭ୍ୟାସ ମଧ୍ୟ ବଦଳିଥିବା ଜଣାପଡ଼ିଛି। ଲୋକମାନେ ଘରେ ରହି ଅନ୍‌ଲାଇନରେ ସାମଗ୍ରୀ କିଣିବା ଲାଗି ଅଧିକ ପସନ୍ଦ କରୁଛନ୍ତି। ଏଥିପାଇଁ ସ୍ଥାନୀୟ ବ୍ୟବସାୟୀମାନେ ମଧ୍ୟ ନିଜକୁ ପ୍ରସ୍ତୁତ କରୁଥିବା ଦେଖାଯାଇଛି। ଫୋନ୍‌କଲ୍, ୱେବ୍‌ସାଇଟ୍, ହ୍ୱାଟ୍ସଆପ୍, ନିଜସ୍ୱ ମୋବାଇଲ ଆପ୍ ଦ୍ୱାରା ସ୍ଥାନୀୟ ସଂସ୍ଥାଗୁଡ଼ିକ ଗ୍ରାହକଙ୍କ ନିକଟରେ ପହଞ୍ଚୁଛନ୍ତି। ଅପରପକ୍ଷରେ ବ୍ୟବସାୟୀମାନେ ଆଗ୍ରିଗେଟରଙ୍କ ସହାୟତାରେ ମଧ୍ୟ ଲୋକଙ୍କୁ ସାମଗ୍ରୀ ଯୋଗାଇ ଦେଉଥିବା ଦେଖାଯାଇଛି।**

ଅନ୍‌ଲାଇନରେ ଅର୍ଡର ଦେଇ ଘରେ ଲୋକମାନେ ସାମଗ୍ରୀ ପାଇପାରୁଛନ୍ତି। ବେଶି ମୂଲଚାଲ କରିବାକୁ ପଡୁ ନ ଥିବା ବେଳେ ଲୋକଙ୍କୁ ରିହାତି ମଧ୍ୟ ମିଳୁଛି। ଘରେ ଡେଲିଭରି ମିଳୁଥିବାରୁ ଅଣ ମେଟ୍ରୋ ସହରଗୁଡ଼ିକରେ ମଧ୍ୟ ଏଭଳି ଶପିଂର ବେଶ୍ ଆଦୃତି ଦେଖିବାକୁ ମିଳୁଛି। ଅନ୍‌ଲାଇନ ଗ୍ରସେରି ସାମଗ୍ରୀ ଅଭିବୃଦ୍ଧି ୫୦% ଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ମହାମାରୀ ଯୋଗୁ ବର୍ତ୍ତମାନ ଏହା ବିଶେଷ ଅଭିବୃଦ୍ଧି ହାସଲ କରିବା ନେଇ ଆକଳନ କରାଯାଇଛି। ହ୍ୱାଟ୍ସଆପ୍ ଜରିଆରେ କ୍ରୟର ଏକ ନୂଆ ଟ୍ରେଣ୍ଡ ଦେଖିବାକୁ ମଧ୍ୟ ମିଳିଛି। ସେହିଭଳି ଅଣଗ୍ରସେରି ସାମଗ୍ରୀ ମଧ୍ୟ ଲୋକମାନେ ଘରକୁ ମଗାଉଥିବା ଦେଖାଯାଇଛି। ଲୋକମାନେ ମହାମାରୀ ଯୋଗୁ ଅଧିକ ମାତ୍ରାରେ ଟେକ୍ନୋଲୋଜି ବ୍ୟବହାର କରୁଛନ୍ତି। ଲୋକଙ୍କର କ୍ରୟ ବ୍ୟବହାର ଅନ୍‌ଲାଇନ ଆଡ଼କୁ ବଢ଼ିଥିବା ବଜାର ବିଶେଷଜ୍ଞ ମତ ରଖିଛନ୍ତି।

ବଜାରକୁ ନ ଯାଇ ମଧ୍ୟ ଲୋକମାନେ ଘରେ ବସି ସାମଗ୍ରୀର ଅର୍ଡର ହାତ ପାଆନ୍ତାରେ ପାଇବା ସହଜ ହେଉଛି। ଏଥିଲାଗି ବଜାର ଯାଇ ବିଭିନ୍ନ ସ୍ଥାନରେ ସାମଗ୍ରୀ ଖୋଜିବାକୁ ପଡୁନାହିଁ। ବିଭିନ୍ନ ରେଞ୍ଜ ସହ ଅନେକ ବ୍ରାଣ୍ଡର ବିସ୍ତୃତ ବର୍ଗରେ ପ୍ରଡକ୍ଟ ଲୋକଙ୍କୁ ସୁବିଧାରେ ମିଳିପାରୁଛି। ଲୋକଙ୍କୁ ରିହାତି, ସମୟ ସଞ୍ଚୟ, ସାମଗ୍ରୀ ଚୟନର ବିକଳ୍ପ, ପ୍ରଡକ୍ଟ ପସନ୍ଦ ନ ହେଲେ ତୁରନ୍ତ ଫେରସ୍ତ, ଶୀଘ୍ର ସାମଗ୍ରୀ ପାଇବାକୁ ଚାହୁଁଥିଲେ କିଛି ସ୍ଥାନରେ ତ୍ୱରିତ ଡେଲିଭରି ଭଳି ବିକଳ୍ପ ବ୍ୟବସ୍ଥା ମଧ୍ୟ ସଂସ୍ଥାଗୁଡ଼ିକ କରିଛନ୍ତି।

ବର୍ତ୍ତମାନ ସମୟରେ ସାମାଜିକ ଦୂରତା ରଖିବାକୁ ସରକାର ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ଏଭଳି ସ୍ଥିତିରେ ସାମଗ୍ରୀ ଦେଉଥିବା ସ୍ଥାନୀୟ କମ୍ପାନୀଗୁଡ଼ିକର ଡେଲିଭରି ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ବିଭିନ୍ନ ସାମଗ୍ରୀକୁ ଘରେ ପହଞ୍ଚାଇବା ଦିଗରେ ଏମାନେ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି। ବର୍ତ୍ତମାନ ଗ୍ରସେରି ସାମଗ୍ରୀ ସମେତ ସ୍ୱାସ୍ଥ୍ୟସେବା ମଧ୍ୟ ଅନ୍‌ଲାଇନରେ ଦେବା ଆରମ୍ଭ କଲେଣି। ଗ୍ରସେରି, ତାଜା ଫଳ, ପନିପରିବା ମଧ୍ୟ ଏହି ସଂସ୍ଥାଗୁଡ଼ିକ ଯୋଗାଉଛନ୍ତି। ଏହା ଡିଜିଟାଲ ପେମେଣ୍ଟକୁ ମଧ୍ୟ ଉତ୍ସାହିତ କରୁଛି। ପୂର୍ବରୁ କାରବାର କେବଳ ଚିହ୍ନିଥିବା ଲୋକଙ୍କୁ ନେଇ ହେଉଥିଲା, ମାତ୍ର ବର୍ତ୍ତମାନ ଅନ୍‌ଲାଇନ ଯୋଗୁ କାରବାରର ପରିଭାଷା ବଦଳିଯାଇଛି। ଜଣେ ଛୋଟ ବ୍ୟବସାୟୀ କିମ୍ବା ଦୋକାନୀ ମଧ୍ୟ ଅନ୍‌ଲାଇନ ସହ ଯୋଡ଼ିହେବା ଦ୍ୱାରା ତାଙ୍କ ସାମଗ୍ରୀକୁ ଲୋକଙ୍କୁ ବିକ୍ରି କରିପାରୁଛନ୍ତି।

## ସାମଗ୍ରୀ ଡେଲିଭରିର ନୂଆ ଅନୁଭୂତି



ପୂର୍ବରୁ ଅଫ୍‌ଲାଇନରେ କେବଳ ଲୋକମାନେ ଯାଇ ସାମଗ୍ରୀ କିଣୁଥିଲେ। କାହାକୁ ଫୋନ କଲେ, ହ୍ୱାଟ୍ସଆପ୍‌ରେ ସାମଗ୍ରୀ ଅର୍ଡର କରିବା କିମ୍ବା ନିଜ ସହରର ଲୋକଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ମୋବାଇଲ ଆପ୍‌କୁ ଯାଇ ସାମଗ୍ରୀ ଅର୍ଡର କରିବା ସାଧାରଣତଃ ଦେଖାଯାଉ ନ ଥିଲା। ହେଲେ ଲୋକମାନେ ଏହି ବ୍ୟବସ୍ଥାକୁ ବର୍ତ୍ତମାନ ଦ୍ରୁତ ହାରରେ ଆପଣାଉଥିବା ବଜାର ବିଶେଷଜ୍ଞ କୁହନ୍ତି। ଏହି ବ୍ୟବସାୟ ସମ୍ପୂର୍ଣ୍ଣ ନୂଆ ହୋଇଥିବାରୁ ଏହାକୁ ମଧ୍ୟ ବ୍ୟବସାୟୀମାନେ ଆପଣାଉଛନ୍ତି। ଅନ୍‌ଲାଇନରେ ସାମଗ୍ରୀ ଅର୍ଡର ନେଇ ତାକୁ ଡେଲିଭରି ଦେବା ସେମାନଙ୍କ ପାଇଁ ନୂଆ ଅନୁଭୂତି ହେଉଛି। ହେଲେ ଏହି ବ୍ୟବସ୍ଥାକୁ ନେଇ ବ୍ୟବସାୟୀ ମଧ୍ୟ ନିଜକୁ ପ୍ରସ୍ତୁତ କରୁଥିବା ଦେଖାଯାଉଛି।

## ବ୍ୟବସାୟୀଙ୍କ ଲାଗି ଚ୍ୟାଲେଞ୍ଜ

ଓଡ଼ିଶା କଥା ବିଚାରକଲେ ସବୁ ସ୍ଥାନରେ ଏଭଳି ସେବା ବର୍ତ୍ତମାନ ଉପଲବ୍ଧ ହୋଇ ନାହିଁ। କାରଣ ସ୍ଥାନୀୟ ଭାବେ ଏଭଳି ଟ୍ରେଣ୍ଡ ପୂର୍ବରୁ କେବେ ଦେଖାଯାଇ ନ ଥିଲା। ବ୍ୟବସାୟୀମାନେ ବିଭିନ୍ନ ସେବାକୁ ସେମାନଙ୍କ ନିଜସ୍ୱ ଷ୍ଟୋର ଦ୍ୱାରା ଯୋଗାଉଥିଲେ। ହେଲେ କରୋନା ସବୁ କିଛି ପରିବର୍ତ୍ତନ କରିଦେଲା। ସ୍ଥାନୀୟ ଲୋକଙ୍କୁ ସେବା ଯୋଗାଣ ଉପରେ କମ୍ପାନୀଗୁଡ଼ିକ ଫୋକସ କରୁଥିଲେ। ଉଦାହରଣ ସ୍ୱରୂପ ପ୍ରମୁଖ ଇ-କମର୍ସ କମ୍ପାନୀଙ୍କ ଭଳି ସ୍ଥାନୀୟ ବ୍ୟବସାୟୀମାନଙ୍କର ବଡ଼ ନେଟ୍‌ୱର୍କ ନାହିଁ। ଯଦି ଭୁବନେଶ୍ୱରରେ କୌଣସି ବ୍ୟବସାୟୀ ଅନ୍‌ଲାଇନରେ ସାମଗ୍ରୀ ଡେଲିଭରି ଦେଉଛନ୍ତି ତେବେ ଅନ୍ୟ ସହରଗୁଡ଼ିକରେ ତାଙ୍କର ପରିସରକୁ ସେ ବଢ଼ାଇ ପାରିନାହାନ୍ତି। ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ଉପସ୍ଥିତି ରହୁଥିବା ନଜରକୁ ଆସିଛି।

# ଫୋକସ୍‌ରେ ଗୁଣବତ୍ତା ସେବା



**ସ୍ଥାନୀୟ ଲୋକଙ୍କୁ ସେବା ଉପଲବ୍ଧ କରାଯାଉଥିବାରୁ ଲୋକଙ୍କୁ ଭଲ ସେବା ଉପଲବ୍ଧ କରାଇବା ଉପରେ ଧ୍ୟାନ କେନ୍ଦ୍ରିତ କରୁଥିବା ବ୍ୟବସାୟୀ ମତ ରଖିଛନ୍ତି। ସମୟରେ ଡେଲିଭରି ହେଉ କିମ୍ବା ପ୍ରଡକ୍ଟ ଯେଭଳି ଗ୍ରାହକଙ୍କର କୌଣସି ଅଭିଯୋଗ ନ ରହେ ତାକୁ ବ୍ୟବସାୟୀ ବର୍ତ୍ତମାନ ଫୋକସ କରୁଛନ୍ତି। ବର୍ତ୍ତମାନ ବାଣିଜ୍ୟରେ ନୂଆ ତରିକା ଆପଣାଇବାକୁ ପଡୁଥିବାରୁ ସେ ଦିଗରେ ବ୍ୟବସାୟୀ ପଛଘୁଞ୍ଚା ଦେଉନାହାନ୍ତି। ସେବାରେ କୌଣସି ପ୍ରକାର ଅସୁବିଧା ନ କରିବା ତାକୁ ନିଶ୍ଚିତ କରିବାକୁ ସେମାନେ ଗ୍ରାହକଙ୍କ ସହ ନିରନ୍ତର ସମ୍ପର୍କରେ ରହୁଛନ୍ତି। ଜଣେ ସ୍ଥାନୀୟ ବ୍ୟବସାୟୀ କହିଛନ୍ତି, ଲୋକମାନେ ସ୍ଥାନୀୟ ହୋଇଥିବାରୁ ସେମାନଙ୍କୁ ଭଲ ସେବା ଦେବା ପ୍ରାଥମିକତା ହେବା କାରଣ ସେମାନେ ଆମ ସହ ନିୟମିତ ସମ୍ପର୍କରେ ରହୁଛନ୍ତି।**

### ଅତ୍ୟାବଶ୍ୟକ ସାମଗ୍ରୀ ଅର୍ଡର ଅଂଶ ବେଶି

ଲୋକମାନେ ବର୍ତ୍ତମାନ ଅର୍ଡର କରୁଥିବା ସାମଗ୍ରୀ ମଧ୍ୟରୁ ଜରୁରୀ ସାମଗ୍ରୀର ଅଂଶ ଅଧିକ ରହିଛି। ଏହାବାଦ୍ ଲୋକଙ୍କର ଆନୁଷଙ୍ଗିକ ସାମଗ୍ରୀ ମଧ୍ୟ ପହଞ୍ଚାଇବା ଉପରେ ଫୋକସ କରାଯାଉଛି। ଲୋକଙ୍କ ଘରେ ଗ୍ରସେରି, ଫଳ, ପନିପରିବା ବାଦ୍ ଅନ୍ୟ ସାମଗ୍ରୀଗୁଡ଼ିକ ମଧ୍ୟ ପହଞ୍ଚୁଛି। ବିଭିନ୍ନ ବର୍ଗରେ ଅଧିକରୁ ଅଧିକ ସାମଗ୍ରୀ ପହଞ୍ଚାଇବା ଉପରେ ବ୍ୟବସାୟୀ ଫୋକସ୍ କରୁଛନ୍ତି। ଲୋକଙ୍କଠାରୁ ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନରେ ପେମେଣ୍ଟ ମଧ୍ୟ ଗ୍ରହଣ କରାଯାଉଥିବା ଦେଖାଯାଉଛି।

### ଟ୍ରେଣ୍ଡ ବଜାୟ ରହିବ

ସ୍ଥାନୀୟ ବାଣିଜ୍ୟରେ ଆସିଥିବା ଏହି ନୂଆ ଧାରା ଆଗାମୀ ଦିନରେ ଜାରି ରହିବ ବୋଲି କେତେଜଣ ବ୍ୟବସାୟୀ ମତବ୍ୟକ୍ତ କରନ୍ତି। କାରଣ ଲୋକମାନେ ଏଭଳି ଅଭ୍ୟାସରେ ପଡିବା ପରେ ଏହାକୁ ପରିବର୍ତ୍ତନ କରିବା ଆଉ ଚାହିଁବେ ନାହିଁ। ଗତ କିଛି ମାସରେ ଯେଉଁ ଭଳି ଟ୍ରେଣ୍ଡ ରହିଛି ଏହା ଆଗାମୀ ଦିନରେ ବଢ଼ିବା ନେଇ କେତେଜଣ ବ୍ୟବସାୟୀ ଆଶାବାଦୀ ରହିଛନ୍ତି।




## ସରକାରୀ ନିୟମ ପାଳନ ସହ ସେବା ଯୋଗାଉଛୁ

"କରୋନା ମହାମାରୀରେ କାରବାରେ ବିଭିନ୍ନ ପରିବର୍ତ୍ତନ ଆଣିବାକୁ ପଡିଛି। ଗତ କିଛି ମାସ ହେବ ଗ୍ରାହକ ସେବା ଯୋଗାଣରେ ବିଭିନ୍ନ ସମସ୍ୟା ସାମ୍ନା କରିବାକୁ ପଡିଛି। ଲକ୍‌ଡାଉନ କଟକଣା ଧୀରେ ଧୀରେ କୋହଳ ହେବା ପରେ ସେହି ଅନୁସାରେ ପ୍ରସ୍ତୁତ ହେଉଛୁ। ବର୍ତ୍ତମାନ ଲକ୍‌ଡାଉନ କଟକଣା ଲାଗି ଆମ ରେଷ୍ଟୁରାଣ୍ଟ ଖାଦ୍ୟ ଅନ୍‌ଲାଇନ ଡେଲିଭରି ଏବଂ ଟେକ୍ ଆଉଟ୍ ବ୍ୟବସ୍ଥା କରାଯାଇଛି। ସମସ୍ତ ସରକାରୀ ଆଇନ୍ କାନୁନକୁ ନଜରରେ ରଖି ଲୋକଙ୍କୁ ସେବା ଯୋଗାଇ ଦେବା ଲାଗି ପଦକ୍ଷେପ ନେଉଛୁ। ସମାଜିକ ଦୂରତ୍ୱ ନିୟମ ସମେତ ସ୍ୱଚ୍ଛତାକୁ ଧ୍ୟାନରେ ରଖାଯାଇଛି। ଅନଲାଇନ ଡେଲିଭରି ଲାଗି ସ୍ୱିଗି ସହ ମିଳିତ ହୋଇ କାମ କରୁଛି।

– ଦେବଯାନୀ ସାହୁ, ଓନ୍‌ର, ଗରମ ମସଲା ରେଷ୍ଟୁରାଣ୍ଟ

## ସ୍ୱାସ୍ଥ୍ୟ ସେଗ୍‌ମେଣ୍ଟ, ଲାଇଫ୍‌ଷ୍ଟାଇଲ ପ୍ରଡକ୍ଟ ଚାହିଦା ବଢୁଛି

"କୋଭିଡ୍ ଯୋଗୁ ଲୋକମାନେ ସ୍ୱାସ୍ଥ୍ୟକୁ ନେଇ ବେଶି ଯତ୍ନବାନ ହୋଇପଡ଼ିଛନ୍ତି। ଲୋକଙ୍କୁ ଅଫ୍‌ଲାଇନରେ ପୂର୍ବରୁ ସ୍ୱାସ୍ଥ୍ୟସେବା ଉପଲବ୍ଧ ହେଉଥିଲା। ବର୍ତ୍ତମାନ ଇ-କମର୍ସ ମଡେଲରେ ଟେଲିକଲ୍, ଅନ୍‌ଲାଇନ କନ୍‌ସଲଟେଶନ ଭଳି ସୁବିଧା ମିଳିପାରୁଛି। ଲୋକମାନେ ଅନ୍‌ଲାଇନରେ ପରାମର୍ଶ ପାଇପାରୁଛନ୍ତି। ସେହିଭଳି ସ୍ୱାସ୍ଥ୍ୟ ତଥା ଲାଇଫ୍ ଷ୍ଟାଇଲ ପ୍ରଡକ୍ଟ ଏବଂ ଡିଭାଇସଗୁଡିକ ଲାଗି ସ୍ୱତନ୍ତ୍ର କମ୍ପାନୀଗୁଡ଼ିକ କାମ କରୁଛନ୍ତି। ଏହି ବର୍ଗରେ ଲୋକଙ୍କର ଚାହିଦା ବର୍ତ୍ତମାନ ବୃଦ୍ଧି ପାଇଚାଲିଛି। ଲୋକଙ୍କୁ ଆବଶ୍ୟକ ଅନୁସାରେ ଅନ୍‌ଲାଇନରେ ସେବା ଯୋଗାଇବା ନେଇ ଯୋଜନା ହାତକୁ ନିଆଯାଉଛି।

– ଗୌରବ ରାଲ୍‌ହାନ, ଷ୍ଟାର୍ଟ ଅପ୍ ଓନର









## ଓଡ଼ିଶା ମୋ ପରିବାରର ଜିଲା ସଂଯୋଜକ ଶୁଭାଶିଷ



**ପୁରୀ ଅଫିସ:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଓଡ଼ିଶା ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ ଏହି ପରିବାରର ପୁରୀ ଜିଲା ସଂଯୋଜକ ଭାବେ ଶୁଭାଶିଷ ଖୁଣ୍ଟିଆ (ଲକି)ଙ୍କୁ ନିଯୁକ୍ତି ଦେଇଛନ୍ତି। ଶୁଭାଶିଷ ଏବେ ରାଜ୍ୟ ବିଜୁ ଯୁବ ଜନତା ଦଳ ସମ୍ପାଦକ ରହିଛନ୍ତି। ଜିଲା ଜୀବନ ବିନ୍ଦୁ ସଂଯୋଜକ ଭାବେ ଶୁଭାଶିଷ କରୋନା ସମୟରେ କୋଭିଡ୍ ଗାଇଡ୍‌ଲାଇନକୁ ମାନି ଜିଲାର ବିଭିନ୍ନ ଅଞ୍ଚଳରେ ରକ୍ତଦାନ ଶିବିର ଆୟୋଜନ କରିଥିଲେ।

# ଡାଏଲିସିସ୍ ନ ପାଇ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ

**କଟକ ଅଫିସ,୮।୮**

ଏସ୍‌ସିବି ଆଇସୋଲେଶନ ୱାର୍ଡରେ ଚିକିତ୍ସା ଅବହେଳାରୁ ଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ତାଙ୍କର ଡାଏଲିସିସ୍ କରାଗଲା ନାହିଁ କି ଆବଶ୍ୟକ ଚିକିତ୍ସା ମଧ୍ୟ ଦିଆଗଲା ନାହିଁ ବୋଲି ପରିବାର ଲୋକେ କହିଛନ୍ତି। ମୃତ୍ୟୁ ପରେ ଏସ୍‌ସିବି ମେଡିକାଲ ଫାଣ୍ଡିରେ ଅଭିଯୋଗ କରାଯିବାରୁ ପୋଲିସ ଏତଲା ନେଲାନାହିଁ ବୋଲି ମୃତକଙ୍କ ବଡ଼ଭଉଣୀ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଗତ ୫ ତାରିଖ ଜଗତ୍‌ସିଂହପୁର ଜିଲା ବାଗଲପୁର ଗ୍ରାମର ସୁଶାନ୍ତ ଦାସ (୨୦)ଙ୍କୁ ଏସ୍‌ସିବି କାଜୁଆଲିଟିକୁ ଅଣାଯାଇଥିଲା। ଆଣ୍ଟିଜେନ ଟେଷ୍ଟ ରିପୋର୍ଟ ପଜିଟିଭ ଆସିବାରୁ ତାଙ୍କୁ ଆଇସୋଲେଶନ ୱାର୍ଡରେ ରଖାଗଲା। ସୁଶାନ୍ତ ଜଣେ ପୁରୁଣା କିଡ୍‌ନୀ ରୋଗୀ ହୋଇଥିବାରୁ ଗତ ୧ ତାରିଖ ଏସ୍‌ସିବିରେ କରୋନା ଟେଷ୍ଟ ପରେ ଡାଏଲିସିସ୍ କରାଇ ଘରକୁ ଫେରିଥିଲେ। ସପ୍ତାହକୁ ୨ଥର ଡାଏଲିସିସ କରାଯିବା କଥା। ଗତ ୫ ତାରିଖ ସେ ଏସ୍‌ସିବିରେ ଭର୍ତ୍ତି ହେବା ଦିନ ହିଁ ଡାଏଲିସିସ୍ ହେବାର ଥିଲେ ମଧ୍ୟ ତାହା ୨ ଦିନ ଯାଏ ହୋଇ ନ ଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଫଳରେ ସୁଶାନ୍ତଙ୍କ ପେଟ ଫୁଲିଯାଇ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କ ପାଖରେ ରହିବାକୁ ଅନୁରୋଧ କରିଥିଲେ ମଧ୍ୟ ଡାକ୍ତର ଅନୁମତି ଦେଲେନାହିଁ। ଶୁକ୍ରବାର ରାତିରେ ସୁଶାନ୍ତ ବାଥ୍‌ରୁମ୍ ଯାଇଥିବା ବେଳେ ସେଇଠାରେ ହିଁ ପଡ଼ିଯାଇଥିଲେ। ଖବର ପାଇ ତାଙ୍କ ଭାଇ ହସ୍ପିଟାଲ ଷ୍ଟାଫ୍‌ଙ୍କଠାରୁ ପିପିଇ କିଟ୍ ମାଗି ସୁଶାନ୍ତଙ୍କ ପାଖରେ ପହଞ୍ଚିଲା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିବା ପରିବାର ଲୋକେ କହିଛନ୍ତି। ଏନେଇ ନେଫ୍ରୋଲୋଜି ବିଭାଗର ଡା. ଚିତ୍ତରଞ୍ଜନ କର କହିଛନ୍ତି, ରୋଗୀ ଜଣକ ହେପାଟାଇଟିସ୍ ସି ପଜିଟିଭ ସାଙ୍ଗକୁ ଜଣେ କ୍ରନିକ କିଡ୍‌ନୀ ପେସେଣ୍ଟ ହୋଇଥିବା ବେଳେ କରୋନା ପଜିଟିଭ ମଧ୍ୟ ଥିଲେ। ତେଣୁ ପରିବାର ଲୋକେ ତାଙ୍କୁ ଘରୋଇ ହସ୍ପିଟାଲକୁ ନେବେ କି ନା, ଦ୍ୱନ୍ଦ୍ୱରେ ଥିଲେ। ସେଥିପାଇଁ କାଗଜପତ୍ର ପ୍ରକ୍ରିୟା ଠିକ୍ ସମୟରେ ସେମାନେ କରିପାରି ନ ଥିଲେ କିମ୍ବା ଠିକ୍ ସମୟରେ ଡାଇଲିସିସ୍ ପାଇଁ ଆଣିପାରି ନ ଥିଲେ। ଅନ୍ୟପକ୍ଷରେ ଶନିବାର ହସ୍ପିଟାଲ ପକ୍ଷରୁ ପରିବାର ଲୋକଙ୍କ ଉପସ୍ଥିତିରେ କଟକ ମହାନଗର ନିଗମକୁ ସଂସ୍କାର ପାଇଁ ମୃତଦେହ ହସ୍ତାନ୍ତର କରାଯାଇଛି।



ଭୁବନେଶ୍ୱରରେ ଶନିବାର ଅପରାହ୍ନରେ ବର୍ଷା ପରେ ବମିଖାଲ ରାସ୍ତାରେ ପାଣିର ସୁଅ।

# କରୋନା ମୁକାବିଲାରେ ସୋଆ

**ଭୁବନେଶ୍ୱର,୮।୮(ବ୍ୟୁରୋ)**

ସାରା ବିଶ୍ୱ ଏବେ କରୋନା ମହାମାରୀ କବଳରେ ଆତଙ୍କିତ। ଅଦୃଶ୍ୟ ଶତ୍ରୁର ଭୟରେ ଭୟଭୀତ ବିଶ୍ୱବାସୀ। ଦିନକୁ ଦିନ ସଂକ୍ରମିତ ଏବଂ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହି ଯୁଦ୍ଧରେ ସାଢେ ୪କୋଟି ଓଡ଼ିଆଙ୍କ ସ୍ୱାସ୍ଥ୍ୟ ଓ ସ୍ୱାର୍ଥ ରକ୍ଷା ଲାଗି ଓଡିଶା ସରକାର ଉଦ୍ୟମ ଚଳାଇଥିବା ବେଳେ ଏହି ମହତ କାର୍ଯ୍ୟରେ ସରକାରଙ୍କ ସହ ହାତ ମିଳାଇଛି ଶିକ୍ଷା ଓ ଅନୁସନ୍ଧାନ(ସୋଆ) ୟୁନିଭରସିଟି।

ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା କୋଭିଡ୍-୧୯ ହସ୍ପିଟାଲ ମଧ୍ୟରୁ ୪ଟି କୋଭିଡ୍ ହସ୍ପିଟାଲ ଏବଂ ଦୁଇଟି କୋଭିଡ୍ କେୟାର ସେଣ୍ଟରର ଦାୟିତ୍ୱ ସୋଆ ନେଇଛି। ଜୀବନ ଜୀବିକାର ଦୋଛକିରେ ଥିବା ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟର ଯତ୍ନ ସହ ତାଙ୍କୁ ସୁସ୍ଥ କରିବା ଲକ୍ଷ୍ୟରେ ସୋଆ ପକ୍ଷରୁ ୨୦୦୦ରୁ ଉର୍ଦ୍ଧ୍ୱ ଶଯ୍ୟା ବିଶିଷ୍ଟ କୋଭିଡ ହସ୍ପିଟାଲ ଏବଂ କୋଭିଡ୍ କେୟାର ସେଣ୍ଟର ପରିଚାଳନା କରାଯାଉଛି। କରୋନା ଭାଇରସ୍ ସଂକ୍ରମଣ ସହ ମୁକାବିଲା କରିବା ଏତେ ସହଜସାଧ୍ୟ ନୁହେଁ । ଏହି ସଂକ୍ରମଣକୁ ରୋକିବା ପାଇଁ ଜ୍ଞାନ,କୌଶଳ ଏବଂ ବୁଝାମଣାର ଆବଶ୍ୟକତା ରହିଛି ବୋଲି ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ପୁଷ୍ପରାଜ ସାମନ୍ତସିଂହାର କହିଛନ୍ତି।

# ବାଣପୁର ଶଟ୍‌ଡାଉନ ପାଇଁ ଜିଲାପାଳଙ୍କୁ ନିବେଦନ

**ଖୋର୍ଦ୍ଧା ଅଫିସ,୮।୮**

ଖୋର୍ଦ୍ଧା ଜିଲାରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ବାଣପୁର ବ୍ଲକ ଅଞ୍ଚଳ ଓ ଏନ୍‌ଏସିକୁ ଆସନ୍ତା ୧୨ତାରିଖରୁ ୧୮ତାରିଖ ପର୍ଯ୍ୟନ୍ତ ଶଟ୍‌ଡାଉନ କରିବା ପାଇଁ ଶନିବାର ବ୍ଲକ ପ୍ରଶାସନ ପକ୍ଷରୁ ଏକ ପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏଥିରେ ବାଣପୁର ବିଡିଓଙ୍କ ସମେତ ତହସିଲଦାର, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ମେଡିକାଲ ଅଫିସର, ସିଡିପିଓ ଏବଂ ବାଣପୁର ପୋଲିସ ଅଧିକାରୀଙ୍କ ଦସ୍ତଖତ ରହିଥିବା ଜଣାପଡ଼ିଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ଲକ୍‌ଡାଉନ ସମୟରେ ୫ହଜାରରୁ ଉର୍ଦ୍ଧ୍ୱ ପ୍ରବାସୀ ଓଡ଼ିଆ ଫେରି ଏହି ବ୍ଲକର ବିଭିନ୍ନ ପଞ୍ଚାୟତ ଏବଂ ଏନ୍‌ଏସି ଅଞ୍ଚଳରେ ରହିଛନ୍ତି। ଏବେ ସୁଦ୍ଧା ୨୫୭୯ ସ୍ୱାବ୍ ଟେଷ୍ଟ କରାଯାଇଥିବା ବେଳେ ୨୪୮ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨୫ଜଣ କରୋନା ଯୋଦ୍ଧା ରହିଛନ୍ତି। ଜଣଙ୍କର ମୃତ୍ୟୁ ଘଟିଛି। ଆକ୍ରାନ୍ତଙ୍କ ମଧ୍ୟରେ ଅଧିକାଂଶ ଲୋକାଲ କଣ୍ଟାକ୍ଟ ଏବଂ ଅଣ ଟିଏମ୍‌ସିରୁ ରହିଛନ୍ତି। ଧୀରେ ଧୀରେ ଗୋଷ୍ଠୀ ସଂକ୍ରମଣ ଆଡ଼କୁ ଗତି କରୁଛି। ଜିଲା ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆ ନ ଗଲେ, ଆଗକୁ ବାଣପୁର ଡେଞ୍ଜର ଜୋନ୍‌କୁ ଯିବ ବୋଲି ଏଥିରେ ଦର୍ଶାଯାଇଛି। ଏ ସମ୍ପର୍କରେ ଜିଲାପାଳ ସନତ୍ କୁମାର ମହାନ୍ତି କହିଛନ୍ତି, ବାଣପୁର ପ୍ରଶାସନ ପକ୍ଷରୁ କରାଯାଇଥିବା ଅଭିଯୋଗ ସମ୍ପର୍କରେ ଅବଗତ ଅଛି। ଏହାକୁ ତର୍ଜମା କରଯାଉଛି। ଏବେ ବାଣପର ଅଞ୍ଚଳକୁ ଦୁଇ ଦିନ ପାଇଁ ଶଟ୍‌ଡାଉନ କରାଯାଇଛି। ସୋମବାର ପରିସ୍ଥିତିକୁ ଦେଖି ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

# ଦେଢ଼ଘଣ୍ଟା ପ୍ରବଳ ବର୍ଷିଲା

**ଭୁବନେଶ୍ୱର, ୮।୮(ବ୍ୟୁରୋ)**

ବଙ୍ଗୋପ ସାଗରରେ ଲଘୁଚାପ ପାଇଁ ସାରା ରାଜ୍ୟରେ ବର୍ଷା ଜାରି ରହିଛି। ଶନିବାର ରାଜଧାନୀରେ ପ୍ରବଳ ବର୍ଷା ହୋଇଛି। ଅପରାହ୍ନ ପ୍ରାୟ ୪ଟାରେ ହଠାତ୍ କଳାହାଣ୍ଡିଆ ବାଦଲ ଢାଙ୍କି ଦେବାରୁ ସହର ପୂରା ଅନ୍ଧାକାର ହୋଇଯାଇଥିଲା। ଏହାର କିଛି ସମୟ ପରେ ଦେଢ଼ଘଣ୍ଟା ଧରି ପାହାଡ଼ଫଟା ବର୍ଷା ବର୍ଷିଥିଲା। ଶଟ୍‌ଡାଉନ୍ ପାଇଁ ବଜାରଘାଟ ବନ୍ଦ ଥିବାରୁ ଅଧିକାଂଶ ଲୋକ ଘରେ ରହିଥିଲେ। ହେଲେ ଜରୁରୀ କାର୍ଯ୍ୟରେ ଯାଉଥିବା ଲୋକେ ଓ ରାସ୍ତା କଡ଼ରେ ମୁଣ୍ଡଗୁଞ୍ଜିଥିବା ଅସହାୟମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସହରର ମୁଖ୍ୟ ରାସ୍ତାରୁ ଆରମ୍ଭ କରି କଲୋନୀ ଓ ବସ୍ତିରେ ବର୍ଷା ସହ ଡ୍ରେନ୍ ପାଣିର ସୁଅ ଲାଗି ରହିଥିଲା। ଡ୍ରେନ୍ କାମ ଚାଲିଥିବାରୁ ଓ କେତେକ ଡ୍ରେନ୍‌ରେ ଜଳ ନିଷ୍କାସନ ବାଟ ବନ୍ଦ ହୋଇ ରହିଥିବାରୁ ରାସ୍ତାରେ ଘଣ୍ଟା ଘଣ୍ଟା ଧରି ଆବର୍ଜନା ମିଶା ବର୍ଷାପାଣି ଜମି ରହିଥିଲା। ପ୍ରତିଥର ପରି ଏଥର ବର୍ଷା ମଧ୍ୟ ବମିଖାଲ ରାସ୍ତାରେ ଜଟିଳ ପରିସ୍ଥିତି ସୃଷ୍ଟି କରିଥିଲା। ରସୁଲଗଡ଼ରୁ ବମିଖାଲ ଓଭରବ୍ରିଜ୍‌ର ଅଧା ପର୍ଯ୍ୟନ୍ତ ଡାହାଣ ପାର୍ଶ୍ୱ ରାସ୍ତାରେ ଆଣ୍ଠୁଏ ଉଚ୍ଚର ଆବର୍ଜନା ପାଣିର ସୁଅ ନଦୀର ଭ୍ରମ ସୃଷ୍ଟି କରିଥିଲା। ସେହିପରି କଟକ ଓ ଖୋର୍ଦ୍ଧାରେ ମଧ୍ୟ ବର୍ଷା ହୋଇଥିଲା।

**ଆଣ୍ଠୁଏ ଉଚ୍ଚର ପାଣି ଚାଲିଲା**

# ବିଳାସିନୀ ବିବାହ ମଣ୍ଡପ ସିଲ୍

**ଭୁବନେଶ୍ୱର,୮।୮(ବ୍ୟୁରୋ)**

ଚନ୍ଦ୍ରଶେଖରପୁର ବିଳାସିନୀ ବିବାହ ମଣ୍ଡପର ଜଣେ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ହେବାପରେ ବିଏମ୍‌ସି ପକ୍ଷରୁ ଏହାକୁ ସିଲ୍ କରାଯାଇଛି। ଉକ୍ତ ମଣ୍ଡପକୁ ବିଶୋଧନ କରାଯିବା ସହ ଅନ୍ୟ କର୍ମଚାରୀଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଛି।

# ରେଖାପଞ୍ଚମୀ ପର୍ବ ପାଳିତ

**ପୁରୀ ଅଫିସ,୮।୮**

ପବିତ୍ର ଭାଦ୍ରବ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ଶନିବାର ରେଖା ପଞ୍ଚମୀ ପର୍ବ ପାଳିତ ହୋଇଯାଇଛି। ସୂର୍ଯ୍ୟାସ୍ତ ସମୟରେ ଘରେ ଘରେ ଏହି ପର୍ବ ପାଳନ କରାଯାଇଥିବା ଦେଖିବାକୁ ମିଳିଛି। ଏହି ପର୍ବ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ଗୃହର ମୁଖ୍ୟ କବାଟ ସମେତ ଅନ୍ୟାନ୍ୟ କବାଟ ଏବଂ କୋଠିରେ ଥିବା କବାଟରେ ଶ୍ରୀଗଣେଶ, ଭୈରବ ଓ ମହାଦେବଙ୍କ ଚିତ୍ର ଅଙ୍କନ କରାଯାଇଥାଏ। ବିଭିନ୍ନ ପ୍ରକାର ଫୁଲ, ଚନ୍ଦନ, ସିନ୍ଦୂର, ଦୁବ ବରକୋଳି ପତ୍ର ଆଦିକୁ ସୁସଜ୍ଜିତ କରି ପୂଜା କରାଯାଇଥାଏ। ପୂଜାରେ ସରୁ ଚକୁଳି, ପୂର ଚକୁଳି ପିଠା ଭୋଗ କରାଯାଏ। ଜୁଣରେ ତିଆରି ପିଣ୍ଡୁଅକୁ ରକ୍ଷାକରଣ ମନ୍ତ୍ରରେ ଅଭିମନ୍ତ୍ରିତ କରି ଦ୍ୱାର ସମ୍ମୁଖ ଭାଗରେ ଚାଳରେ କିମ୍ବା ପକ୍କା ଘରର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବାନ୍ଧି ଓହଳାଇ ଦିଆଯାଏ। ଏହାଦ୍ୱାରା ସମସ୍ତ ପ୍ରକାର ଉପଦ୍ରବରୁ ରକ୍ଷା ମିଳିଥାଏ ବୋଲି ବିଶ୍ୱାସ ରହିଛି।




## ଅର୍ଡର ବଢିଲେ, କାରବାର ବଢିବ

ଜଣେ ସ୍ଥାନୀୟ ବ୍ୟବସାୟୀ କୁହନ୍ତି, ସମସ୍ତେ ମୋବାଇଲ ଆପ୍ କିମ୍ବା ୱେବ୍‌ସାଇଟ ଦ୍ୱାରା ଅର୍ଡର ଦେଇପାରୁନାହାନ୍ତି। ପୂର୍ବରୁ ଲୋକମାନେ ଷ୍ଟୋର ଆସି ନିଜ ମନ ମୁତାବକ ସାମଗ୍ରୀ ଚୟନ କରୁଥିଲେ। ହେଲେ ବର୍ତ୍ତମାନ ଲୋକମାନେ ଫୋନ୍ କଲ୍ କିମ୍ବା ଅନ୍‌ଲାଇନରେ ପୂର୍ବ ତୁଳନାରେ କାରବାର କମ୍ ରହିଛି। ନୂଆ ବ୍ୟବସ୍ଥାରେ କାରବାର ବଢିବା ନେଇ ବ୍ୟବସାୟୀ ଆଶାବାଦୀ ରହିଛନ୍ତି। ଯଦି ଲୋକମାନେ ଅଧିକ ଅର୍ଡର କରିବେ କାରବାର ଉନ୍ନତ ହେବ ବୋଲି ଅଧିକାରୀ ମତ ପ୍ରକାଶ କରିଛନ୍ତି।

## ତ୍ୱରିତ ହେଉଛି ଅନ୍‌ଲାଇନ୍ ଶପିଂ...

ଲୋକମାନେ ପୂର୍ବରୁ ବଜାର ଯାଇ ସେମାନଙ୍କ ବିଭିନ୍ନ ଆବଶ୍ୟକ ସାମଗ୍ରୀ କିଣାକିଣି କରୁଥିଲେ। ହେଲେ ବର୍ତ୍ତମାନ ଟେକ୍ନୋଲୋଜିର ପ୍ରଚାର ପ୍ରସାର ଫଳରେ ଘରେ ବସି ଅନ୍‌ଲାଇନରେ ସାମଗ୍ରୀ କ୍ରୟ କରିବାକୁ ସୁବିଧା ପାଉଛନ୍ତି। ଅନ୍‌ଲାଇନରେ ଏହି କିଣାବିକାକୁ ଇ-କମର୍ସ କୁହାଯାଉଛି। ଭାରତ ବିଶ୍ୱର ଏକ ଦ୍ରୁତ ଅଭିବୃଦ୍ଧିଶୀଳ ବଜାର ହୋଇଥିବାରୁ ଏଠାରେ ଇ-କମର୍ସ ଦ୍ରୁତ ହାରରେ ଅଗ୍ରସର ହେଉଛି। ଅନ୍ୟପକ୍ଷରେ ଦେଶର ଯୁବବର୍ଗ ବର୍ତ୍ତମାନ ଅନ୍‌ଲାଇନରେ ସାମଗ୍ରୀ ଅର୍ଡର କରିବାକୁ ଆଗଭର ହେଉଛନ୍ତି। ବିଶେଷକରି ମୋବାଇଲରେ ଯୁବବର୍ଗ ଅନ୍‌ଲାଇନ ସାଇଟ୍‌ଗୁଡିକରୁ ଅଧିକ କିଣାକିଣି କରୁଛନ୍ତି। ଇ-କମର୍ସରେ ଚାଇନା ଏକ ପ୍ରମୁଖ ବଜାର ହୋଇଥିବା ବେଳେ ଏହା ପରେ ଆମେରିକା ଏବଂ ଭାରତ ତୃତୀୟ ସ୍ଥାନରେ ରହିଛନ୍ତି।



## ଅନ୍‌ଲାଇନରେ ଫୁଡ୍ ଅର୍ଡର ଟ୍ରେଣ୍ଡ ବଢୁଛି

“ବର୍ତ୍ତମାନ ଅନ୍‌ଲାଇନରେ ଲୋକଙ୍କୁ ଅର୍ଡର ନେଇ ଡେଲିଭରି ପ୍ରଦାନ କରାଯାଉଛି। ଅନ୍‌ଲାଇନ ପ୍ରତି ଲୋକଙ୍କର ରେସପନ୍ସ ଧୀରେ ଧୀରେ ବଢୁଥିବା ଦେଖାଯାଉଛି। ଆମ ରେଷ୍ଟୁରାଣ୍ଟ ପୂର୍ବରୁ ଲୋକଙ୍କୁ ଅଫ୍‌ଲାଇନରେ ସେବା ଯୋଗାଉଥିଲା। ହେଲେ ମହାମାରୀ ଯୋଗୁ ଲୋକଙ୍କୁ ଘରେ ଖାଦ୍ୟ ସାମଗ୍ରୀ ପହଞ୍ଚାଇବା ଲାଗି ବ୍ୟବସ୍ଥା କରାଯାଇଛି। ଆମର ମୋବାଇଲ ଆପ୍ଲିକେଶନ ସହାୟତାରେ ଗ୍ରାହକ ଫୁଡ ଅର୍ଡର କରିବାକୁ ସକ୍ଷମ ହେବେ। ଗୁଣବତ୍ତା ବିଶିଷ୍ଟ ସେବା ଯୋଗାଣ ଉପରେ ବର୍ତ୍ତମାନ ଫୋକସ୍ କରୁଛୁ। ସରକାରଙ୍କ ସମସ୍ତ ନିୟମ ପାଳନ କରିବାକୁ ପଡୁଛି। ଲୋକଙ୍କୁ ସୁରକ୍ଷିତ ଭାବେ କିଭଳି ଡେଲିଭରି ପ୍ରଦାନ କରାଯିବ ସେ ଦିଗରେ ଧ୍ୟାନ କେନ୍ଦ୍ରିତ କରାଯାଉଛି।

**- ତେଜେଶ୍ୱର ରାଓ, ଡାଇରେକ୍ଟର, ଗ୍ରୀନ ଚିଲିଜ୍ ରେଷ୍ଟୁରାଣ୍ଟ**







## ତ୍ୱରିତ ସେବା ଯୋଗାଣ ଉପରେ ଫୋକସ୍

“ସାମାଜିକ ଦୂରତ୍ୱ ନିୟମ ଯୋଗୁ ଅନ୍‌ଲାଇନରେ ଲୋକଙ୍କୁ ଗ୍ରସେରୀ ସାମଗ୍ରୀ ଯୋଗାଣ ଲାଗି ବିଭିନ୍ନ ପଦକ୍ଷେପ ହାତକୁ ନେଇଛୁ। ବିଭିନ୍ନ ବର୍ଗରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ହେଉଛି। ସକାଳ ୭ରୁ ସଂଧ୍ୟା ୮ ମଧ୍ୟରେ ଡେଲିଭରି ଦେବା ବ୍ୟବସ୍ଥା କରାଯାଇଛି। କୌଣସି ଗ୍ରାହକ ଦିନ ୨ ମଧ୍ୟରେ ସାମଗ୍ରୀ ଅର୍ଡର ଦେଲେ ତାଙ୍କୁ ଗୋଟିଏ ଦିନ ମଧ୍ୟରେ ଡେଲିଭରି ଏବଂ ଦିନ ୨ଘଟିକା ପରେ ଅର୍ଡର ଦେଲେ ପରଦିନ ଡେଲିଭରି ଦେବା ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱରର ସବୁ ସ୍ଥାନରେ ସେବା ଉପଲବ୍ଧ ରହିଛି। ଗ୍ରାହକ କମ୍ପାନୀର ନାଓ ଗ୍ରସେରୀ ଡଟ୍ କମ୍‌କୁ ଯାଇ ସାମଗ୍ରୀ ଅର୍ଡର କରିପାରିବେ। ମାଗଣାରେ ହୋମ ଡେଲିଭରି ବ୍ୟବସ୍ଥା କରାଯାଇଛି। ଲୋକମାନେ କିଭଳି ତ୍ୱରିତ ସେବା ପାଇପାରିବେ। ଲୋକଙ୍କୁ କ୍ରୟ ଉପରେ ରିୱାର୍ଡ ପଏଣ୍ଟ ଉପଲବ୍ଧ ହେବ।

**- ଆଦିତ୍ ହଂସ, ଓନର୍, ନାଓ ଗ୍ରସେରୀ ଡଟ୍ କମ୍**

## ଲୋକଙ୍କ ଆବଶ୍ୟକତା ଆଧାରରେ ସେବା ଯୋଗାଉଛୁ

“ବର୍ତ୍ତମାନ ମହାମାରୀ ସମୟରେ ସାମାଜିକ ଦୂରତ୍ୱ ନିୟମ ପାଳନ କରିବାକୁ ନିର୍ଦ୍ଦେଶ ରହିଛି। ଏହାକୁ ଧ୍ୟାନରେ ରଖି ଜରୁରୀ ସାମଗ୍ରୀ ବର୍ଗରେ ବିଭିନ୍ନ ପ୍ରଡକ୍ଟ ଲୋକଙ୍କ ନିକଟରେ ପହଞ୍ଚାଇବା ଲାଗି ପଦକ୍ଷେପ ହାତକୁ ନେଇଛୁ। ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ପ୍ରଡକ୍ଟ ହୋମ୍ ଡେଲିଭରି କରୁଛୁ। ଏହା ମଧ୍ୟରେ ଫୁଡ୍, ଗ୍ରସେରି, ଫଳ, ପନିପରିବା, ଡ୍ରାଏ ଫ୍ରୁଟ୍, ସ୍ନାକ୍ସ ଭଳି ଅନ୍ୟ ବର୍ଗ ସାମଗ୍ରୀ ସାମିଲ ରହିଛି। ମହାମାରୀ ଯୋଗୁ ଅନ୍‌ଲାଇନରେ ଲୋକମାନେ ସାମଗ୍ରୀ ଅର୍ଡରକରି ଘରେ ଡେଲିଭରି ପାଇପାରୁଛନ୍ତି। ଏଥିରେ ସମୟ ବଞ୍ଚୁଛି। ବାହାରକୁ ଯିବାକୁ ପଡୁନାହିଁ।

**- ଅନୁପ ବଜାଜ, ବ୍ୟବସାୟୀ, ଭୁବନେଶ୍ୱର**



## ୪ଦିନ ମଗଲପୁର ଗ୍ରାମ ଶଟ୍‌ଡାଉନ୍

ପିପିଲି,(ସ୍ୱ.ପ୍ର.)- ପିପିଲି ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ୧୯ନଂ. ୱାର୍ଡ ମଗଲପୁର ଗ୍ରାମରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଗ୍ରାମକୁ ସରପଞ୍ଚ ଶୁଭାଶିଷ ରଥ ୪ଦିନ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଏହା ଶନିବାର ଠାରୁ ୧୨ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ଅଞ୍ଚଳର ୧୯ନଂ. ୱାର୍ଡ ସଂଯୋଗ କରୁଥିବା ପାତ୍ରସାହିଠାରୁ ଦଳିତ ସାହି ପର୍ଯ୍ୟନ୍ତ ଉଭୟ ପ୍ରବେଶପଥକୁ ସିଲ କରାଯାଇଛି। ଏହି ଅଞ୍ଚଳ ମଧ୍ୟରେ ସମସ୍ତ ଅତ୍ୟାବଶ୍ୟକୀୟ ସାମଗ୍ରୀର ଯୋଗାଣ ଓ ଚିକିତ୍ସା ବ୍ୟବସ୍ଥାକୁ ସୁବନ୍ଦୋବସ୍ତ କରଯାଇଛି ବୋଲି ସରପଞ୍ଚ କହିଛନ୍ତି।

## ସଂକ୍ଷେପରେ

### ରହସ୍ୟମୟ ମଞ୍ଜି ପାର୍ସଲ
#### ରାଜ୍ୟଗୁଡ଼ିକୁ ସତର୍କ କଲା କେନ୍ଦ୍ର

**ନୂଆଦିଲ୍ଲୀ, ୮।୮:** ଭାରତର ଜୈବ ବିବିଧତାକୁ ନଷ୍ଟ କରିବା ଉଦ୍ଦେଶ୍ୟରେ ବାହାର ଦେଶରୁ ରହସ୍ୟମୟ ମଞ୍ଜି ପ୍ୟାକେଟ ପଠାଯାଉଛି। ଅଜଣା ସୂତ୍ରରୁ ଏଭଳି ରହସ୍ୟଜନକ ଅବାଞ୍ଛିତ ମଞ୍ଜି ପାର୍ସଲ ଆସିଲେ ସତର୍କ ରହିବା ପାଇଁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଏଥିସହିତ ମଞ୍ଜି ଶିଳ୍ପ ଓ ଗବେଷଣା ପ୍ରତିଷ୍ଠାନଗୁଡ଼ିକୁ ମଧ୍ୟ ସତର୍କ ରହିବାକୁ କୃଷି ମନ୍ତ୍ରଣାଳୟ ପକ୍ଷରୁ ଜାରି ନିର୍ଦ୍ଦେଶାବଳୀରେ କୁହାଯାଇଛି। ଗତ କିଛିମାସ ମଧ୍ୟରେ ଆମେରିକା, କାନାଡା, ବ୍ରିଟେନ, ନ୍ୟୁଜିଲାଣ୍ଡ, ଜାପାନ ସମେତ କେତେକ ୟୁରୋପୀୟ ଦେଶକୁ ଏଭଳି ହଜାର ହଜାର ମଞ୍ଜି ପ୍ୟାକେଟ ପଠାଯାଇଥିବା ଖବର ମିଳିବା ପରେ କେନ୍ଦ୍ର ପକ୍ଷରୁ ସତର୍କ କରିଦିଆଯାଇଛି। ଏହାକୁ ବ୍ରଶିଂ ସ୍କାମ୍ ବା କୃଷି ଚାଲାଣ ବୋଲି ଆମେରିକା କୃଷି ବିଭାଗ ପକ୍ଷରୁ କୁହାଯାଇଛି।

### ଆଶାକର୍ମୀଙ୍କୁ ଦୁର୍ବ୍ୟବହାର, ପୁଣି ୬ ଗିରଫ

**ପୁରୀ ଅଫିସ,୮।୮:** କରୋନା ସଂକ୍ରମଣକୁ ରୋକିବା ସହିତ ଏ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରୁଛନ୍ତି ଆଶା କର୍ମୀ । ମାତ୍ର ପୁରୀ ମ୍ୟୁନିସିପାଲିଟି ପେଣ୍ଠକଟା ଅଞ୍ଚଳରେ ଆଶା କର୍ମୀଙ୍କୁ ବିରୋଧର ସମ୍ମୁଖୀନ ହେବାକୁ ପଡିଛି। ଏପରି କି ଆଶା କର୍ମୀଙ୍କୁ ଦୁର୍ବ୍ୟବହାର, ସେମାନଙ୍କ ଘର ଉପରକୁ ଟେକା ପଥର ମାଡ଼ କରାଯିବା ନେଇ ସମୁଦ୍ରକୂଳ ଥାନାରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକ୍ରମେ ପୋଲିସ ଶନିବାର ପୁଣି ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସିଟି ରୋଡ ସାଗର ସାହିର ଏସ୍. ଆର୍ଯ୍ୟ, ଜି. ଶ୍ରୀନାଥ, ଏସ୍. ବୈରାଗୀ ଓ କାଣ୍ଡି ଜଗନ୍ନାଥ ରାଓ, ସିଟି ରୋଡ ନୂଆସାହିର ଏ. ଜଗଦୀଶ ରାଓ ଓ ଉପାଦୀ ଆର୍ଯ୍ୟ। ଏମାନଙ୍କ ନାଁରେ ଗତମାସ ୨୬ ତାରିଖରେ ଏକ ମାମଲା (ନଂ.୧୨୦/୨୦) ରୁଜୁ ହୋଇଥିଲା । ସୂଚନାଥାଉ କି, ଏହି ମାମଲାରେ ଏ ପର୍ଯ୍ୟନ୍ତ ୨୦ ଜଣରୁ ଉର୍ଦ୍ଧ୍ୱ ଅଭିଯୁକ୍ତ ଗିରଫ ହୋଇସାରିଲେଣି।

### ବାରଙ୍ଗରେ ୮୪ ଆଣ୍ଟିଜେନ ଟେଷ୍ଟ ନେଗେଟିଭ

**ନରାଜ,୮।୮ (ଡି.ଏନ୍.ଏ):** କଟକ ଜିଲା ବାରଙ୍ଗ ବ୍ଲକରେ ଗତ ଗୁରୁବାର ୮୭ଜଣଙ୍କ ଆଣ୍ଟିଜେନ ଟେଷ୍ଟ ହୋଇଥିଲା। ସେମାନଙ୍କ ମଧ୍ୟରୁ ୮୪ ଜଣଙ୍କ ରିପୋର୍ଟ ନେଗେଟିଭ ଆସିଥିବା ବେଳେ ୩ ଜଣଙ୍କ ରିପୋର୍ଟ ମିଳିନାହିଁ ବୋଲି ବିଡିଓ ପ୍ରଭାକର ପଣ୍ଡା କହିଛନ୍ତି। ବ୍ଲକର ବିଭିନ୍ନ ପଞ୍ଚାୟତରେ ପଜିଟିଭ ଚିହ୍ନଟ ହେବାପରେ ସେମାନଙ୍କ ସଂସ୍ପର୍ଶରେ ଆସି ଉପରୋକ୍ତ ଲୋକେ ହୋମ କ୍ୱାରାଣ୍ଟାଇନ୍‌ରେ ଥିବା ଜଣାପଡ଼ିଛି।

### ବ୍ୟବସାୟୀଙ୍କ ବାଇକ୍ ଚୋରି

**ନିରାକାରପୁର,୮।୮(ଡି.ଏନ୍.ଏ.):** ନିରାକାରପୁର ପଞ୍ଚାୟତ ନୂଆଜଗନ୍ନାଥ ସଡ଼କ ଲେବଲ କ୍ରସିଂଠାରୁ ଷ୍ଟେଶନ ରାସ୍ତାରେ ରେଲବାଇ ସିଗନାଲ ପୁରୁଣା କ୍ୟାବିନ ନିକଟରୁ କେହି ଦୁର୍ବୃତ୍ତ ବ୍ୟବସାୟୀ ରବି ସାହୁଙ୍କ ବାଇକ୍ ଚୋରିକରି ନେଇଥିବା ଜଣାପଡ଼ିଛି। ଚୋରି ସମୟର ଦୃଶ୍ୟ ସିସି କ୍ୟାମେରାରେ କଏଦ ହୋଇଛି। ସୂଚନା ଅନୁଯାୟୀ, ଶଟ୍‌ଡଉନ ଥିବାରୁ ରବି ଦୋକାନ ଆଗରେ ବାଇକ୍ ରଖିଥିଲେ। କେହି ଦୁର୍ବୃତ୍ତ ଅପରାହ୍ନ ପ୍ରାୟ ୨ଟାରେ ତାଙ୍କ ବାଇକ୍‌କୁ ଚୋରି କରି ନେଇଥିବା ଜାଣିବାକୁ ପାଇଥିଲେ।

### ଖୋର୍ଦ୍ଧାରେ ଦୋକାନ ବଜାର ବନ୍ଦ, ଜନଶୂନ୍ୟ

**ଖୋର୍ଦ୍ଧା ଅଫିସ,୮।୮:** କରୋନା ମହାମାରୀ ସ୍ଥିତିକୁ ଦେଖି ରାଜ୍ୟ ସରକାର ଅଗଷ୍ଟ ମାସର ପ୍ରତ୍ୟେକ ଶନିବାର ଓ ରବିବାରକୁ ଶଟ୍‌ଡାଉନ ଘୋଷଣା କରଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ଖୋର୍ଦ୍ଧାରେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଔଷଧ ଦୋକାନ ଖୋଲା ରହିଥିବା ବେଳେ ରାସ୍ତାଘାଟ ଜନଶୂନ୍ୟ ହୋଇପଡିଥିଲା। ନୂଆ ବସ୍‌ଷ୍ଟାଣ୍ଡ, ଏସ୍‌ବିଆଇ ଛକ, ଚଣ୍ଡିଚୁଆ ଛକ, ଟ୍ରାଫିକ ଏବଂ ତହସିଲ କାର୍ଯ୍ୟାଳୟ ନିକଟରେ ପୋଲିସ ଏବଂ ପ୍ରଶାସନ ପକ୍ଷରୁ କଡ଼ାକଡ଼ି ଯାଞ୍ଚ କରାଯାଇଥିଲା। ଏନେଇ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି, ଅନଲକ୍-୩ରେ ଯାଞ୍ଚ କଡ଼ାକଡ଼ି କରାଯିବ। ସାପ୍ତାହିକ ଶଟ୍‌ଡାଉନ ବ୍ୟତୀତ ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ସକାଳଠାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଦୋକାନ ଖୋଲିବା ଲାଗି ନିଷ୍ପତ୍ତି ହୋଇଛି। ଅପରାହ୍ନ ୫ଟା ପରେ ଦୋକାନ ଖୋଲିବାକୁ ଅନୁମତି ଦିଆଯିବ ନାହିଁ। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି।

# ଦୋଛକିରେ ଜରିମେଢ଼ କାରିଗରଙ୍କ ଜୀବିକା

- ସରକାରୀ ସହାୟତା ପାଇଁ ଦାବି
- ପେଟ ପୋଷିବା ପାଇଁ ବୃତ୍ତି ଛାଡୁଛନ୍ତି

ଚୌଦ୍ୱାର,୮।୮(ଡି.ଏନ୍.ଏ)



ରାଜ୍ୟରେ କରୋନା ସ୍ଥିତି ଭୟଙ୍କର ହେବାରେ ଲାଗିଛି। ସଂକ୍ରମଣ ରୋକିବା ଲାଗି ସରକାର ଲକଡାଉନ, ଶଟ୍‌ଡାଉନ ନୀତି ଆପଣାଉ ଥିବାରୁ ସାଧାରଣ ଲୋକଙ୍କ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପ୍ରବାସୀ ଓଡ଼ିଆ ରୋଜଗାର ଆଶାରେ ପୁଣି ଅନ୍ୟ ରାଜ୍ୟକୁ ଯାଉଥିବାବେଳେ ଅନ୍ୟ କେତେଜଣ ଜୀବିକା ପନ୍ଥା ବଦଳାଇବାରେ ଲାଗିଛନ୍ତି। ଏହାକୁ ଲକ୍ଷ୍ୟ ରଖି ସରକାର କିଛିଦିନ ହେବ ନୀତିନିୟମ ଓ କଟକଣା ଉପରେ କିଛି କୋହଳ ମନୋଭାବ ପ୍ରତିପୋଷଣ କରିଛନ୍ତି। ହେଲେ ବିବାହ, ବ୍ରତ, ପୂଜାପାର୍ବଣ, ଜାନିଯାତ୍ରା, ମନ୍ଦିର ମଠ ଉପରେ ଏଯାବତ୍ କଟକଣା ଲାଗୁ ରହିଛି। ଏହି ପରିପ୍ରେକ୍ଷୀରେ ବିଶେଷ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି ଜରିମେଢ଼ ତିଆରିରେ ପରିବାର ପ୍ରତିପୋଷଣ କରୁଥିବା କାରିଗର ପରିବାରର ଲୋକେ। ଆଗକୁ ଖୁଦୁରକୁଣୀ, ଗଣେଶ ପୂଜା, ଦୁର୍ଗା ପୂଜା ଭଳି ପାର୍ବଣୟ ଋତୁ ଆସୁଛି। ଠିକଣା ସମୟରେ କାର୍ଯ୍ୟ ସାରିବାକୁ ମେଢ଼ କାରିଗରଙ୍କ ପାଖରେ ବର୍ଷ ଆରମ୍ଭରୁ ମେଢ଼ ତିଆରି ପାଇଁ ବିଭିନ୍ନ ପୂଜା ମଣ୍ଡପରୁ ଆସିଥାଏ ଅଗ୍ରିମ ଟଙ୍କା। ହେଲେ ଚଳିତବର୍ଷ ଏପର୍ଯ୍ୟନ୍ତ କୌଣସିଠାରୁ ଅଗ୍ରିମ ଟଙ୍କା ଆସି ନ ଥିବା କଟକ ଜିଲା ଚୌଦ୍ୱାର ଅଞ୍ଚଳର ଚଷାପଡ଼ା, ପାଇକରାପୁର ଓ ଗୋଡ଼ିପାଟଣାରେ ଜରିମେଢ କାର୍ଯ୍ୟ କରି ପେଟ ପୋଷୁଥିବା ୨୦ରୁ ଉର୍ଦ୍ଧ୍ୱ ପରିବାରର କାରିଗରମାନେ କହିଛନ୍ତି। ତଥାପି କରୋନା ହାରିବ, ଆଉ ଦେବଦେବୀଙ୍କ ପୂଜା ହେବ ବୋଲି କାରିଗରମାନେ ମନରେ ଆଶା ଓ ବିଶ୍ୱାସ ରଖିଛନ୍ତି। ଏହି ଆଶା ନେଇ ପରିବାରର ମହିଳା, ପିଲାଠାରୁ ସମସ୍ତ ସଦସ୍ୟ କାଗଜ ଓ ଜରିରେ ମେଢ଼ ତିଆରି କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ବାଉଁଶ ବତା, କାଗଜ, ଜରି, ନାନା ରଙ୍ଗର ଭେଲବେଟ୍ ଚୁମୁକି ଓ ମାଳି ପ୍ରଭୃତି କୋଲକାତାରୁ ଆଣି ଘରେ ରଖିଛନ୍ତି। ହୁଏତ ପୂଜା ପାର୍ବଣ ପାଇଁ ସାମାନ୍ୟ କଟକଣା ହଟିଯାଇପାରେ ବୋଲି ରାମଚନ୍ଦ୍ର ଗିରି, ବିଭୂତି ଭୂଷଣ ରାଉତ, ଆଶିଷ ଗିରି ମେଢ଼ କାରିଗର କୁହନ୍ତି। ଏବେ ମେଢ଼ ସବୁ ପ୍ରାୟ ଚାନ୍ଦିରେ ହେଉଥିଲେ ମଧ୍ୟ ଜରି ମେଢ଼ର ମଧ୍ୟ ଚାହିଦା କମି ନାହିଁ ବୋଲି ପାଇକରାପୁରର ପୁରଣା କାରିଗର ରାମଚନ୍ଦ୍ର ଗିରି କୁହନ୍ତି। ୧୯୬୦ରେ ଏହି ମେଢ଼ ମାତ୍ର ୬୦ ଟଙ୍କାରେ ମିଳୁଥିବା ବେଳେ ଏବେ ମେଢ଼ର ମୂଲ୍ୟ ୧୦ହଜାରରୁ ଆରମ୍ଭ କରି ଦେଢ଼ଲକ୍ଷ ଟଙ୍କାରେ ପହଞ୍ଚିଲାଣି। ବରାଦ ମୁତାବକ ଜରି ଓ କାଗଜ ତିଆରି ମେଢ ତିଆରି କରାଯାଏ। ଏଠି ତିଆରି ହେଉଥିବା ମେଢ଼ର ଚାହିଦା ଥିବାରୁ କଟକ, ଢେଙ୍କାନାଳ, ଭୁବନେଶ୍ୱର, ଖୋର୍ଦ୍ଧା, ଯାଜପୁର, ଚଣ୍ଡିଖୋଲ ସମେତ ରାଜ୍ୟ ବାହାରକୁ ମଧ୍ୟ ମେଢ଼ ଯାଏ। ତେବେ ବର୍ତ୍ତମାନର ସ୍ଥିତି ସଙ୍ଗିନ ଥିବାରୁ ପରିବାର ପ୍ରତିପୋଷଣ ଦୁର୍ବିଷହ ହୋଇପଡ଼ିଛି। କେତେଜଣ କାରିଗର ପେଟ ପୋଷିବା ପାଇଁ କୌଳିକ ବୃତ୍ତିକୁ ଭୁଲି ଅନ୍ୟ ପନ୍ଥା ଆପଣାଇଲେଣି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଯଦି ସରକାରୀ ସହାୟତା ମିଳନ୍ତା, ତାହାହେଲେ ଆଗାମୀ ପିଢି ଏହି କାମକୁ ଆପଣାଇପାରନ୍ତେ ବୋଲି କାରିଗର ସୁସନ୍ଧ୍ୟା ପ୍ରଧାନ, ସୁଧାକର ପାଣ୍ଡୁ କୁହନ୍ତି। ସୂଚନା ଥାଉ କି, ଗତ ୨ ମାସ ତଳେ କଟକ ଏବଂ ଚୌଦ୍ୱାର ଅଞ୍ଚଳର ୭୦ରୁ ଉର୍ଦ୍ଧ୍ୱ ଜରିମେଢ କାରିଗର ସରକାରଙ୍କୁ ସହାୟତା ପାଇଁ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ଦେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଦିଲୀପ ପଣ୍ଡା ଓ ଦେବେନ୍ଦ୍ର ରାଉତ କହିଛନ୍ତି।

# ପୁରୀ ଜିଲାରୁ ୯୨ ପଜିଟିଭ ଚିହ୍ନଟ

ପୁରୀ ଅଫିସ,୮।୮

ପୁରୀ ଜିଲାରେ ଶନିବାର ୯୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏ ପର୍ଯ୍ୟନ୍ତ ଜିଲାରୁ ଗୋଟିଏ ଦିନରେ ଏହା ସର୍ବାଧିକ। ପୂର୍ବରୁ ଗୋଟିଏ ଦିନରେ ସର୍ବାଧିକ ୯୧ ସଂକ୍ରମିତ ବାହାରିଥିଲେ। ଜିଲାର ମୋଟ ପଜିଟିଭ ସଂଖ୍ୟା ୧୨୧୮ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୭୦୮ ଜଣ ସୁସ୍ଥ ହୋଇଥିବା ବେଳେ ୫୦୪ ଜଣ ଚିକିତ୍ସିତ ହେଉଛନ୍ତି। କରୋନାରେ ଜିଲାରୁ ୪ ଜଣଙ୍କ ମୃତ୍ୟୁ ଘଟିଛି। ବର୍ତ୍ତମାନ ସୁଦ୍ଧା ଜିଲାରୁ ୨୯,୨୦୭ କରୋନା ଟେଷ୍ଟ ସରିଛି। ଏଥିରୁ ୧୨୧୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସୁସ୍ଥ ହାର ୫୮.୧୨% ରହିଛି । ବର୍ତ୍ତମାନ ସୁଦ୍ଧା ଜିଲାରେ ୬୬ଟି କଣ୍ଟେନମେଣ୍ଟ ଜୋନ ବଳବତ୍ତର ରହିଥିବା ବେଳେ ୯୪ଟିକୁ ବନ୍ଦ କରାଯାଇଛି । ବ୍ରହ୍ମଗିରି ବ୍ଲକରେ ସର୍ବାଧିକ ୧୭ଟି କଣ୍ଟେନମେଣ୍ଟ ଜୋନ ବଳବତ୍ତର ରହିଛି। ଅନ୍ୟପକ୍ଷରେ ଶନିବାର ସତ୍ୟବାଦୀ ବ୍ଲକ ବିଶ୍ୱନାଥପୁର ପଞ୍ଚାୟତର ଉତ୍ତନାଶୀ, ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ଟିକାବିଲ, ପେଣ୍ଠପଡା ପଞ୍ଚାୟତର ସାନକାଞ୍ଜିଆ, କେତକୀପାଟଣା ପଞ୍ଚାୟତର ଅଲାଣ୍ଡପଡ଼ା, ବିଦ୍ୟାଧରପୁର ପଞ୍ଚାୟତର ମାଳିସାହି, ପିପିଲି ବ୍ଲକ ସାମପୁର ପଞ୍ଚାୟତର ଗୋକନା ଗାଁକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛି ପ୍ରଶାସନ ।

### ପିପିଲିରେ ୪ ପଜିଟିଭ୍

**ପିପିଲି,(ଡି.ଏନ୍.ଏ.)**–ପିପିଲିରେ ଶନିବାର ପୁଣି ୪ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ ବିନୟ ପଣ୍ଡାଙ୍କ ସୂଚନା ଅନୁସାରେ, ଏଥିରେ ପୂର୍ବାଶାସନ ପଞ୍ଚାୟତ ପାଟେଳୀକୁଦା ଗ୍ରାମର ୨ଜଣ ରହିଛନ୍ତି। ଜଣେ ପୂର୍ବ ସଂକ୍ରମିତଙ୍କ ପୁଅ ଓ ଅନ୍ୟ ଜଣକ ଅଟୋଚାଳକ। ଅନ୍ୟ ଦୁଇଜଣ ଦାଣ୍ଡମୁକୁନ୍ଦପୁର ପଞ୍ଚାୟତ ଓ ଯଶୁଆପୁର ପଞ୍ଚାୟତର ସୁଲତାନ ନଗରରୁ ଚିହ୍ନଟ ହୋଇଛନ୍ତି।

# ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୩ ହଜାର ଟପିଲା

### ଏସ୍‌ସିବିରେ ୩ ଡାକ୍ତର ପଜିଟିଭ

କଟକ ଅଫିସ,୮।୮

କଟକ ଜିଲାରେ ଶନିବାର ୧୬୦ ପଜିଟିଭଙ୍କୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୩ ହଜାର ଟପିଛି। ଏଯାବତ୍‌୩୧୧୩ସଂକ୍ରମିତ ଚିହ୍ନଟ ହେଲେଣି। ଶନିବାର ଜିଲାରେ ଚିହ୍ନଟ ପଜିଟିଭ ମଧ୍ୟରୁ କଟକ ସହରରୁ ୧୩୫ ଜଣ ରହିଛନ୍ତି। ସହରର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୬୦୫ରେ ପହଞ୍ଚିଛି। ମାଲଗୋଦାମ ବେହେରା ସାହିରୁ ସର୍ବାଧିକ ୧୯, ଓଏମ୍‌ପିସ୍ଥିତ ଷଷ୍ଠ ବାଟାଲିୟନରୁ ୧୬ ଜଣ ଯବାନ ଓ ତେଲେଙ୍ଗା ବଜାରରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସାଆନ୍ତ ସାହି ଓ ମାଛୁଆ ବଜାର ଅଞ୍ଚଳରୁ ୭ ଜଣ ଲେଖାଏ, ମଙ୍ଗଳାବାଗ, ମଧୁପାଟଣା ଓ ସାମନ୍ତ ସାହିରୁ ୪ ଜଣ ଲେଖାଏ, ଚୌଧୁରୀ ବଜାର ଫୁଲ ମାର୍କେଟରୁ ୬ ଜଣ ବ୍ୟବସାୟୀ, କନିକା ଛକ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ, ତୁଳସୀପୁର, ସିଡିଏ ସେକ୍ଟର-୭, ବକ୍ସିବଜାର ଅଞ୍ଚଳରୁ ୩ଜଣ ଲେଖାଏ, ବାଲିକୁଦା, ବାଙ୍କିସାହି, ବିଡ଼ାନାସୀ, ଦରଘା ବଜାର, ପଟ୍ଟାପୋଲ, ରାଜାବଗିଚା, ଯୋବ୍ରା, ସିଡିଏ ସେକ୍ଟର-୬ ଓ ୮ରୁ ୨ଜଣ ଲେଖାଏ ପଜିଟିଭ ବାହାରିଛନ୍ତି। ଏସ୍‌ସିବି କଲେଜ ଓ ମେଡିକାଲରୁ ୩ ଜଣ ଡାକ୍ତର, ଜଣେ ନର୍ସ ଓ ୨ ଜଣ କର୍ମଚାରୀ ସଂକ୍ରମିତ ହୋଇଛନ୍ତି।

# ଭୁବନେଶ୍ୱରରେ ସଂକ୍ରମଣ ୩୭୬୩କୁ ବୃଦ୍ଧି

### ଆଉ ୧୯୦ ଚିହ୍ନଟ, ୧୦୩ ସୁସ୍ଥ

ଭୁବନେଶ୍ୱର, ୮।୮(ବ୍ୟୁରୋ)

ଭୁବନେଶ୍ୱରରେ ସଂକ୍ରମଣ ଥମିବାର ନାଁ ଧରୁନି। ଶେଷ ୨୪ ଘଣ୍ଟାରେ ଖୋର୍ଦ୍ଧା ଜିଲାରୁ ରାଜ୍ୟର ସର୍ବାଧିକ ୨୭୪ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ କେବଳ ଭୁବନେଶ୍ୱରରୁ ୧୯୦ଜଣ ରହିଛନ୍ତି। ଏହାକୁ ମିଶାଇ ସହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩,୭୬୩କୁ ବୃଦ୍ଧି ପାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୧୩୮ଜଣ ସଙ୍ଗରୋଧରେ ରହିଥିବାବେଳେ ୫୨ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। କପିଳେଶ୍ୱର କଞ୍ଚାସାହିରୁ ସର୍ବାଧିକ ୨୧ ପଜିଟିଭ୍ ବାହାରିଛନ୍ତି। ବରମୁଣ୍ଡା ବେହେରା ସାହିରୁ ୭ଜଣ, ବମିଖାଲ ଗାୟତ୍ରୀ ଏନ୍‌କ୍ଲେଭ୍‌ରୁ ୬ଜଣ, ୟୁନିଟ୍-୧ ମାର୍କେଟ ନିକଟ ଓ ଆଇଆରସି ଭିଲେଜ୍‌ରୁ ୫ ଜଣ ଲେଖାଏ, ଲକ୍ଷ୍ମୀସାଗର ଓ ୟୁନିଟ୍ -୩ରୁ ୪ ଜଣ ଲେଖାଏ, ସୂର୍ଯ୍ୟନଗର, ନୟାପଲ୍ଲୀ ଏଲ୍‌ଆଇସି ଅଫିସ୍ ଲେନ୍, ବରମୁଣ୍ଡା, ପଳାଶୁଣୀ, କପିଳେଶ୍ୱର ତଳସାହି, ଷ୍ଟେଶନ ଛକ ଓ ବରମୁଣ୍ଡ ବିଡିଏ କଲୋନୀରୁ ୩ ଜଣ ଲେଖାଏ ଚିହ୍ନଟ ହୋଇଛନ୍ତି। ସେହିପରି ବିଡିଏ କଲୋନୀ, ଗ୍ୟାରେଜ୍ ଛକ, ବଡ଼ଗଡ଼ ବ୍ରିଟ୍ କଲୋନୀ, ବ୍ରିଟ୍ କଲୋନୀ ନୂଆସାହି, ଡୁମୁଡୁମା, କଟକ ରୋଡ଼, ଜାଗମରା, ଜୟଦେବ ବିହାର, ନିଉ ଫରେଷ୍ଟ ପାର୍କ, ଝାରପଡ଼ା, ସାଲିଆସାହି, ପଟିଆ, ଶହୀଦନଗର, ଶିଶୁପାଳଗଡ଼, ଲକ୍ଷ୍ମୀସାଗର ଓ ଫରେଷ୍ଟ ପାର୍କରୁ ୨ ଜଣ ଲେଖାଏ ପଜିଟିଭ୍ ବାହାରିଛନ୍ତି। ଅନ୍ୟପକ୍ଷରେ ଆଉ ୧୦୩ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଫଳରେ ମୋଟ ଆରୋଗ୍ୟ ସଂଖ୍ୟା ୨୩୬୦ ଛୁଇଁଥିବାବେଳେ ୧୩୮୩ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ଭୁବନେଶ୍ୱରରୁ ପୁଣି ୨ଜଣଙ୍କର କରୋନାରେ ମୃତ୍ୟୁ ଘଟିଥିବାରୁ ମୃତ୍ୟୁ ସଂଖ୍ୟା ୧୮ରେ ପହଞ୍ଚିଥିବା ବିଏମ୍‌ସି ସୂଚନା ଦେଇଛି।

# କାଳିଆ ଟଙ୍କା ଫେରସ୍ତ ପାଇଁ ୩୧୭ ଜଣଙ୍କୁ ନୋଟିସ୍

ଅସ୍ତରଙ୍ଗ,୮।୮(ଡି.ଏନ୍.ଏ.)

ପୁରୀ ଜିଲା ଅସ୍ତରଙ୍ଗରେ ୩୧୭ଜଣ ଚାଷୀଙ୍କୁ କାଳିଆ ଟଙ୍କା ଫେରସ୍ତ ପାଇଁ ନୋଟିସ ଯାଇଥିବା ଜଣାପଡ଼ିଛି। ଅସ୍ତରଙ୍ଗ ବ୍ଲକର ୩୧୭ ଓ କାକଟପୁରର ୨୧୮ଜଣ ଅଯୋଗ୍ୟ ଥାଇ ଟଙ୍କା ନେଇଥିବା ଜଣାପଡ଼ିବା ପରେ ଟଙ୍କା ଫେରସ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ କେତେକ ଚାଷୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଗତ କିଛିଦିନ ହେବ କୃଷି ଅଧିକାରୀମାନେ ଅଯୋଗ୍ୟ ଥିବା ହିତାଧିକାରୀଙ୍କ ଘର ଘର ବୁଲି ଟଙ୍କା ଫେରସ୍ତ ନୋଟିସ ବାଣ୍ଟିଥିଲେ। କିଛି ଚାଷୀ ସରକାରଙ୍କ ନୋଟିସ ପରେ ଟଙ୍କା ଫେରସ୍ତ କରିସାରିଥିବା ବେଳେ ଅନ୍ୟ କେତେଜଣ କାହିଁକି କାଳିଆ ଟଙ୍କା ଫେରସ୍ତ କରିବୁ ବୋଲି ପ୍ରଶ୍ନ କରିଛନ୍ତି। କରୋନା କାଳରେ କାମ ଧନ୍ଦା ନ ଥିବା ବେଳେ ଚାଷୀ ପରିବାର ଆର୍ଥିକ ଅନଟନ ଭିତରେ ଗତି କରୁଛନ୍ତି। ଏହି ସମୟରେ କେମିତି ଆଉ କେଉଁଠୁ ଟଙ୍କା ଆଣି ଦେବୁ ବୋଲି କୃଷି ଅଧିକାରୀଙ୍କୁ ଚାଷୀମାନେ ପ୍ରଶ୍ନ କରିଛନ୍ତି।

# ଦୋକାନୀଙ୍କ କରୋନା ପରୀକ୍ଷା କର

### ରାଜ୍ୟଗୁଡ଼ିକୁ କେନ୍ଦ୍ରର ପରାମର୍ଶ

ନୂଆଦିଲ୍ଲୀ, ୮।୮(ପି.ଟି.)

ତେଜରାତି ଦୋକାନରେ କାର୍ଯ୍ୟରତ କର୍ମଚାରୀ, ପରିବା ଦୋକାନୀ ଓ ଅନ୍ୟ ବିକ୍ରେତାମାନେ ବହୁସଂଖ୍ୟାରେ ଲୋକଙ୍କ ସଂସ୍ପର୍ଶରେ ଆସୁଥିବାରୁ ସେମାନଙ୍କଠାରୁ କରୋନା ସଂକ୍ରମଣ ହେବାର ସମ୍ଭାବନା ଅଧିକ ରହିଛି। ଏହାକୁ ନେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଚିନ୍ତା ପ୍ରକଟ କରିବା ସହ ଉପରୋକ୍ତ ଦୋକାନୀ ଓ ଦୋକାନରେ କାର୍ଯ୍ୟରତ କର୍ମଚାରୀଙ୍କ କୋଭିଡ୍ ପରୀକ୍ଷା କରାଇବାକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପରାମର୍ଶ ଦେଇଛି। ଯେତେଶୀଘ୍ର ସଂକ୍ରମିତଙ୍କୁ ଚିହ୍ନଟ କରାଯିବ ମୃତ୍ୟୁହାର ସେତେ ହ୍ରାସ ପାଇବ। ଏହି ପତ୍ରରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଆମ୍ବୁଲାନ୍ସ ପରିବହନ ବ୍ୟବସ୍ଥାରେ ଅକ୍ସିଜେନ୍ ସୁବିଧା ଓ ଦ୍ରୁତ୍ ପଦକ୍ଷେପ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଛନ୍ତି। ଦୈନିକ କେତେ ଆମ୍ବୁଲାନ୍ସ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରାଯାଉଛି ତାହା ଅନୁଧ୍ୟାନ କରାଯାଉ। ସମସ୍ତ କରୋନା ଆକ୍ରାନ୍ତଙ୍କୁ ଆମ୍ବୁଲାନ୍ସ ସେବା ପ୍ରଦାନ ପାଇଁ ସୁନିଶ୍ଚିତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଦିନକୁ ଦିନ ନୂଆ ନୂଆ ଅଞ୍ଚଳକୁ ମହାମାରୀ ବ୍ୟାପୁଛି। ସେହିସବୁ ସ୍ଥାନରେ ସଂକ୍ରମଣ ନିୟନ୍ତ୍ରଣ ପ୍ରାଥମିକ ଲକ୍ଷ୍ୟ। ଏଥିସହିତ ଯେକୌଣସି ପ୍ରକାରେ ସଂକ୍ରମିତଙ୍କ ଜୀବନ ବଞ୍ଚାଇବା ଉପରେ ଗୁରୁତ୍ୱ ଦେବାକୁ ସ୍ୱାସ୍ଥ୍ୟ ସଚିବ କହିଛନ୍ତି।

# ସ୍ୱାଧୀନତା ଦିବସକୁ ନିମନ୍ତ୍ରିତ ହେବେ କୋଭିଡ୍ ଯୋଦ୍ଧା, ପ୍ଲାଜ୍‌ମାଦାତା

ପିପିଲି,୮।୮(ଡି.ଏନ୍.ଏ.)

ପିପିଲିରେ ଶନିବାର ପୁଣି ୪ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ପୁରୁଷ ଏବଂ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ବିନୟ କୁମାର ପଣ୍ଡାଙ୍କ ସୂଚନା ଅନୁସାରେ, ପୂର୍ବାଶାସନ ପଞ୍ଚାୟତ ପାଟେଳୀକୁଦା ଗ୍ରାମରୁ ଜଣେ ୩୬ ବର୍ଷ ଓ ଅନ୍ୟ ଜଣେ ୩୦ ବର୍ଷ ବୟସ୍କ ପୁରୁଷ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ପୂର୍ବ ସଂକ୍ରମିତଙ୍କ ପୁଅ ହୋଇଥିବାବେଳେ ଅନ୍ୟ ଜଣକ ଅଟୋଚାଳକ ବୋଲି ଜଣାଯାଇଛି। ଏହି ଦୁହିଁଙ୍କର ଗତ ୫ ତାରିଖରେ ସ୍ୱାବ ସଂଗ୍ରହ କରାଯାଇଥିଲା। ସେହିପରି ଦାଣ୍ଡମୁକୁନ୍ଦପୁର ପଞ୍ଚାୟତରୁ ଜଣେ ୨୫ ବର୍ଷ ଓ ଯଶୁଆପୁର ପଞ୍ଚାୟତର ସୁଲତାନ ନଗର ଅଞ୍ଚଳରୁ ଜଣେ ୩୦ ବର୍ଷ ପୁରୁଷ ଚିହ୍ନଟ ହୋଇଛନ୍ତି। ଏହି ଦୁଇଜଣ ପୁରୀ ମ୍ୟୁନିସିପାଲିଟିରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବାବେଳେ ସେଠାରେ କେତେଜଣ କର୍ମଚାରୀ ସଂକ୍ରମିତ ହେବାରୁ ସ୍ୱାବ ଟେଷ୍ଟ କରାଯାଇଥିଲା। ଏହି ୪ଜଣଙ୍କ ପଜିଟିଭ୍ ଆସିବା ପରେ କୋଣାର୍କସ୍ଥିତ କୋଭିଡ କେୟାର ସେଣ୍ଟର ପଠାଯାଇଛି। ଏବେ ପିପିଲିରେ ସଂକ୍ରମିତଙ୍କ ସଂଖ୍ୟା ୬୦ରେ ପହଞ୍ଚିଛି।

# ଭତ୍ତା ବଣ୍ଟନ ବେଳେ ଗୋଷ୍ଠୀ ସଂକ୍ରମଣ ଆଶଙ୍କା

କଟକ ସଦର,୮।୮(ଡି.ଏନ୍.ଏ.)

ରାଜ୍ୟ ସରକାର ଅଗଷ୍ଟ ମାସରେ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ବଣ୍ଟନର ବ୍ୟବସ୍ଥା କରିଛନ୍ତି। ଏଥିପାଇଁ ସମସ୍ତ ହିତାଧିକାରୀ ଭତ୍ତା ବଣ୍ଟନ ଖାତାରେ ଦସ୍ତଖତ ଅଥବା ଟିପଚିହ୍ନ ଦେବାକୁ ବାଧ୍ୟତାମୂଳକ କରିଛନ୍ତି। କିନ୍ତୁ ସରକାରଙ୍କ ଏଭଳି ନିୟମ ପାଇଁ କଟକସଦର ବ୍ଲକ ଲୋକଙ୍କ ମଧ୍ୟରେ ଜନଅସନ୍ତୋଷ ଦେଖାଦେଇଛି। ଏବେ କରୋନା ସମୟରେ ଏହି ନିୟମ ଦ୍ୱାରା ଲୋକଙ୍କ ମଧ୍ୟରେ ଗୋଷ୍ଠୀ ସଂକ୍ରମଣ ହେବାରେ ଆଶଙ୍କା ରହିଛି। ଏହି ବ୍ଲକର ପ୍ରତି ପଞ୍ଚାୟତରେ ୫୦୦ରୁ ୧୫୦୦ ମଧ୍ୟରେ ହିତାଧିକାରୀ ରହିଛନ୍ତି। ଭତ୍ତା ଦେବାପୂର୍ବରୁ ଜଣ ଜଣଙ୍କ ଟିପ ନିଆଗଲେ ପରିସ୍ଥିତି ଜଟିଳ ହେବ ବୋଲି ଉତ୍କଳ ବିକାଶ ପରିଷଦର ସଭାପତି ଇଂ ପ୍ରକାଶ ଚନ୍ଦ୍ର ସେଠୀ ଆଶଙ୍କା ପ୍ରକାଶ କରିଛନ୍ତି। ଏହାଛଡ଼ା ବଣ୍ଟନ ଦାୟିତ୍ୱରେ ଥିବା କର୍ମଚାରୀ ଜଣଙ୍କ ମଧ୍ୟ ସଂକ୍ରମିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଏହି ସମୟରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଭଳି ଭତ୍ତା ବଣ୍ଟନ ମଧ୍ୟ ବିନା ଟିପ, ଦସ୍ତଖତରେ କରିବା ପାଇଁ ଇଂ ସେଠୀ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। କାରଣ କୁଷ୍ଠ ରୋଗୀଙ୍କୁ ଟିପ ଚିହ୍ନରୁ ବାଦ୍ ଦେଇ ଭତ୍ତା ଦେବାର ବ୍ୟବସ୍ଥା ରହିଛି।




ଖୋର୍ଦ୍ଧା ଜିଲା ରଣପୁର ବ୍ଲକ ଆଶାକର୍ମୀ ସଂଘ ପକ୍ଷରୁ ଶନିବାର ୧୮ଦଫା ଦାବିରେ ଚାନ୍ଦପୁରସ୍ଥିତ ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

# ଇନ୍ଦ୍ରଦ୍ୟୁମ୍ନ କ୍ଲବକୁ ନେଇ ଉତ୍ତେଜନା

ପୁରୀ ଅଫିସ,୮।୮

ପୁରୀ ମ୍ୟୁନିସିପାଲିଟି ୨୯ ନମ୍ବର ୱାର୍ଡରେ ଥିବା ଇନ୍ଦ୍ରଦ୍ୟୁମ୍ନ କ୍ଲବ ଉପରେ ନିଜ ଅଧିକାର ସାବ୍ୟସ୍ତକୁ ନେଇ ୨ ମହିଳା ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଉପୁଜୁଛି। ଫଳରେ ଏହାକୁ ନେଇ ଶନିବାର ଉତ୍ତେଜନା ପ୍ରକାଶ ପାଇଥିଲା। ପିସିଆର ଭ୍ୟାନ୍ ପହଞ୍ଚି ଘଟଣାର ଅନୁଧ୍ୟାନ କରି ଫେରିଥିବା ବେଳେ କମ୍ୟୁନିଟି ସେଣ୍ଟରରେ ଦୁଇପକ୍ଷଙ୍କ ୨ଟି ତାଲା ପଡିଛି। ସୂଚନା ଅନୁଯାୟୀ, ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ନିକଟରେ ଥିବା ଏହି କ୍ଲବ ୨୦୧୪ ମସିହାରେ ଉଦ୍‌ଘାଟନ ହୋଇଥିଲା। ମାତ୍ର ଏଥିରେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମିବାରୁ ମଧୁବନ ଅଞ୍ଚଳର ଝିଅବୋହୂମାନେ ଅତିଷ୍ଠ ହୋଇପଡିଥିଲେ। ତେଣୁ ମଧୁବନର ଏକ ମହିଳା ଗୋଷ୍ଠୀ ଜିଲାପାଳଙ୍କୁ ଏ ବିଷୟରେ ଅବଗତ କରାଇଥିଲେ। ଏ ଦିଗରେ ବିହୀତ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଥିଲେ। ମାତ୍ର ଶୁକ୍ରବାର ନିକଟସ୍ଥ ଅନ୍ୟ ଏକ ମହିଳା ଗୋଷ୍ଠୀ ସେହି କ୍ଲବରେ ତାଲା ପକାଇଦେଇଥିଲେ। ଶନିବାର ମଧୁବନ ଅଞ୍ଚଳର ମହିଳା ଗୋଷ୍ଠୀ କ୍ଲବ ପାଖରେ ପହଞ୍ଚିବା ପରେ ଉଭୟ ପକ୍ଷ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୁନଶ୍ଚ ସେମାନେ କ୍ଲବ ଘରେ ଆଉ ଗୋଟିଏ ତାଲା ପକାଇ ଦେଇଛନ୍ତି।

# ଦୋକାନ ଖୋଲିବା ସମୟକୁ ନେଇ ଅସନ୍ତୋଷ

ଖୋର୍ଦ୍ଧା ଅଫିସ,୮।୮

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ସକାଳ ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ଦୋକାନ ଖୋଲିବାକୁ ଅନୁମତି ରହିଛି। ତେବେ ଖୋର୍ଦ୍ଧା ଜିଲାର ଅନ୍ୟ ସମସ୍ତ ଅଞ୍ଚଳରେ ସକାଳ ୬ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଦୋକାନ ଖୋଲିବାକୁ ଜିଲା ପ୍ରଶାସନର ନିର୍ଦ୍ଦେଶ ରହିଛି। ଏହି ନିଷ୍ପତ୍ତିକୁ ଖୋର୍ଦ୍ଧା ସହରର କେତେଜଣ ବ୍ୟବସାୟୀ ବିରୋଧ କରିଛନ୍ତି। ବିଏମ୍‌ସି ଖୋର୍ଦ୍ଧା ଜିଲାରେ ହୋଇଥିଲେ ମଧ୍ୟ ଅଲଗା ନିୟମ ହୋଇଛି। ସେହିଭଳି ଜିଲାର ଗ୍ରାମାଞ୍ଚଳରେ ଅଲଗା ନିୟମକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ କହିଛନ୍ତି, ସହରାଞ୍ଚଳର କେତେକ ବ୍ୟବସାୟୀ ସଂଘ ସହ ପୂର୍ବତନ ଜିଲାପାଳ ଶୀତାଂଶୁ ରାଉତ ଭିଡିଓ କନଫରେନ୍ସରେ ଆଲୋଚନା କରିଥିଲେ। ଜିଲାରେ କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି।

# କୋଭିଡ୍ ନିୟମ ଉଲ୍ଲଂଘନ, ଥାନାରେ ଅଭିଯୋଗ

**ବ୍ରହ୍ମଗିରି,୮।୮(ଡି.ଏନ୍.ଏ.):** ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ କହଳପଦା ପଞ୍ଚାୟତ ଅଞ୍ଚଳରେ କୋଭିଡ୍ ନିୟମ ଉଲ୍ଲଂଘନ ହୋଇଥିବା ନେଇ ଏକ ପରିବାର ମୁଖ୍ୟଙ୍କ ବିରୋଧରେ ଥାନାରେ ଅଭିଯୋଗ ହୋଇଛି। ଏହି ଅଞ୍ଚଳର ଗୋଟିଏ ପରିବାରର ୮ଜଣ ସଦସ୍ୟ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏ ନେଇ ପ୍ରଶାସନ ପକ୍ଷରୁ ଉକ୍ତ ପରିବାର ସଦସ୍ୟଙ୍କୁ କୋଭିଡ୍ କେୟାରକୁ ନେବା ପାଇଁ ଏକ ଗାଡ଼ି ପଠାଯାଇଥିଲା। କିନ୍ତୁ ଏହି ପରିବାର ଗାଡ଼ିକୁ ଫେରାଇଦେଇଥିଲେ। ସନ୍ଧ୍ୟାରେ ବ୍ରହ୍ମଗିରି ତହସିଲଦାର କିଶୋର ପଣ୍ଡା, ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରଣବ ପ୍ରକାଶ ପୁର୍ତ୍ତି, ବିଡିଓ ଜ୍ୟୋତି ପ୍ରକାଶ ସେଠୀ ପହଞ୍ଚି ବୁଝାଇଥିଲେ ମଧ୍ୟ ଯୁକ୍ତିତର୍କ କରିଥିଲେ। ଏନେଇ ଉକ୍ତ ପରିବାର ମୁଖ୍ୟଙ୍କ ନାଁରେ ତହସିଲଦାର ଅଭିଯୋଗ କରିଛନ୍ତି।

# ଦଶହରା: ମାଟିଉଠା ପାଇଁ ସବୁଜ ସଙ୍କେତ

### ଡିସିପିଙ୍କ ଖବରଦାତା ସମ୍ମିଳନୀ

- ଦୁର୍ଗାପୂଜା ମାଟି ଅନୁକୂଳରେ ସାମିଲ ହେବେ ୪ ବ୍ୟକ୍ତି
- ଗଣେଶ ପୂଜା ଉପରେ ଲାଗିଲା ପ୍ରତିବନ୍ଧକ
- ସାର୍ବଜନୀନ ମଣ୍ଡପରେ ହୋଇପାରିବନି ପୂଜା

କଟକ ଅଫିସ,୮।୮

ଆସନ୍ତା ୧୧ ତାରିଖ ଜନ୍ମାଷ୍ଟମୀ। ଏହା ପରଦିନ ହେଉଛି ନନ୍ଦୋତ୍ସବ। ଏହି ଦୁଇ ତିଥିରେ ଦଶହରା ପୂଜା ପାଇଁ ମାଟି ଉଠେ। ଚଳିତବର୍ଷ ମାଟି ଉଠିବ କି ନାହିଁ, ସେନେଇ ଥିବା ଦ୍ୱନ୍ଦ୍ୱ ଦୂର କରିଛନ୍ତି କଟକ ଡିସିପି ପ୍ରତୀକ ସିଂ। ମାଟିଉଠା ରୀତିକୁ ଗ୍ରୀନ ସିଗ୍‌ନାଲ ମିଳିଛି। ବିଭିନ୍ନ ପୂଜା କମିଟି ଦଶହରା ପାଇଁ ମାଟି ଉଠାଇପାରିବେ ବୋଲି ଡିସିପି କହିଛନ୍ତି। ମାଟିଉଠା ପାଇଁ ଅତିବେଶୀରେ ୪ରୁ ୫ ଜଣ ହିଁ ନଦୀକୁ ଯିବେ। ପୁରୋହିତ, କର୍ତ୍ତା ଆଉ ୨/୩ ଜଣ ପୂଜା କମିଟି ସଦସ୍ୟଙ୍କ ଉପସ୍ଥିତିରେ ମୃଣ୍ମୟୀଙ୍କ ପାଇଁ ଚଳିତବର୍ଷ ମାଟିଉଠା କାର୍ଯ୍ୟ ସମ୍ପନ୍ନ ହେବ ବୋଲି ସ୍ଥିର ହୋଇଛି। ଶନିବାର ଖବରଦାତା ସମ୍ମିଳନୀରେ ଡିସିପି ଏହି ସୂଚନା ଦେଇଛନ୍ତି।

ଜାକଜକମରେ କୌଣସି ପୂଜା ହେବନାହିଁ ବୋଲି ପୂର୍ବରୁ ସ୍ଥିର ହୋଇଛି। ବାସନ୍ତୀ ଦୁର୍ଗା ପୂଜା ଯେଉଁଭଳି ନିରାଡ଼ମ୍ବର ଭାବେ ହୋଇଥିଲା, ଆଗାମୀ ପୂଜା ମଧ୍ୟ ସେହିଭଳି କରାଯିବ ବୋଲି କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ସର୍ବସାଧାରଣ ସ୍ଥାନରେ ପୂଜା ହେବନାହିଁ। କୌଣସି ସ୍କୁଲ, କଲେଜ କିମ୍ବା କ୍ଲବରେ ଗଣେଶ ପୂଜା ହୋଇପାରିବ ନାହିଁ। ଲୋକେ ନିଜ ଘରେ ଗଣେଶ ପୂଜା କରିପାରିବେ। ଗଣେଶ ପୂଜାର ଭସାଣୀ ଉତ୍ସବ ଉପରେ ମଧ୍ୟ ରୋକ ଲଗାଯାଇଛି। ହେଲେ କଟକବାସୀଙ୍କ ଭାବାବେଗ ସହ ଦଶହରା ଜଡ଼ିତ ହୋଇଥିବାରୁ ଏଥିପାଇଁ ଆଉ ଏକ ବୈଠକ ହେବ ବୋଲି ଡିସିପି କହିଛନ୍ତି। କଟକ ମହାନଗର ପୂଜା କମିଟି ସଭାପତି ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ କହିଛନ୍ତି, ଏବେ ମାଟିଉଠା କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଇଛି। କଟକଣା ଭିତରେ ମାଟିଉଠା କାର୍ଯ୍ୟ ଶେଷ ହେଉ। ପରେ ପୂଜା ସଂକ୍ରାନ୍ତରେ ଆଲୋଚନା କରାଯିବ।

